ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.69, Bhubaneswar Tuesday, April 28,2020 | ୨୩ତମ ବର୍ଷ ସଂଖ୍ୟା–୬୯ ଭୁବନେଶ୍ୱର, ମଙ୍ଗଳବାର ଅପ୍ରେଲ ୨୮,୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଆସନ୍ତା ୨୪ ଘଣ୍ଟା ଅଧା ଓଡିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର,(ପିଏନ)- ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଉତର, ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଏନେଇ ୧୭ ଟି ଜିଲ୍ଲାକୁ /ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି।

ଅପରପକ୍ଷରେ ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ଆଖପାଖ ଅଂଚଳରେ ଏକ ଘୂର୍ଣ୍ଣିଂ ବଳୟ ସୃଷ୍ଟି ହୋଇଛି। ଆସନ୍ତା ୩୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ୪୮ ଘଂଟାରେ ଏହା ଘନୀଭୂତ ହୋଇ ଅବପାତର ରୂପ ନେବ। ପରେ ଏହା ମିଆଁମାର ଆଡକୁ ମୁହାଁଇବ । ଏହାର ସିଧାସଳଖ ପ୍ରଭାବ ଓଡିଶା ଉପରେ ନପଡିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅରେଂଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ବଲାଙ୍ଗୀର, ସୋନପୁର, ସମ୍ବଲପୁର, ବୌଦ୍ଧ, ଦେବଗଡ଼, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, କନ୍ଧମାଳ ଓ ଖୋର୍ଦ୍ଧା । ଏହିସବୁ ଜିଲ୍ଲାରେ କୁଆପଥର ବର୍ଷା ସହ ଘଂଟାପ୍ରତି ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ସେହିପରି ଏହି ସମୟରେ ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ଼, ଭଦ୍ରକ, ଯାଜପୁର, କଟକ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସହ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଉପରୋକ୍ତ ଜିଲ୍ଲା ଗୁଡିକ ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ୩୦ରୁ ୪୦ କିମି ବେଗରେ ପବନ ବୋହିବା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେଣୁ ଅବଶିଷ୍ଟ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଉଲ୍ଲେଖ୍ୟଯୋଗ୍ୟ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତ ତିନିଦିନ ଧରି କାଳବୈଶାଖୀ ପ୍ରଭାବରେ ଘୂର୍ଣ୍ଣିଝଡ଼ ଓ ବର୍ଷା ଲାଗି ରହିଛି।

ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କଲେ ଜଷ୍ଟିସ ମହମ୍ମଦ ରଫିକ

ଭୁବନେଶ୍ୱର, (ପିଏନ)- ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ମୋହମ୍ମଦ ରଫିକ ସୋମବାର ଦିନ ଶପଥ ଗ୍ରହଣ କରିଥନ୍ତି । ଭୁବନେଶ୍ୱର ସ୍ଥିତ ଲୋକସେବା ଭବନ ଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ତାଙ୍କୁ ଶପଥ ଗ୍ରହଣ କରାଇଥିଲେ।

କରୋନା ଗାଇଡଲାଇନ ଲାଗୁ ହୋଇଥିବା କାରଣରୁ ଶପଥ ଗ୍ରହଣ ସମାରୋହରେ ସାମାଜିକ ଦୂରତା ପାଳନ କରା ଯାଇଥିଲା। ଏହି ଶପଥ ଗ୍ରହଣ ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ନ ଥିବା ବେଳେ ବିରୋଧୀ ଦଳର ନେତା ଉପସ୍ଥିତ ଥିଲେ। ଏହା ବାଦ ଏଥିରେ ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକ ସମେତ ଓଡିଶା ହାଇକୋର୍ଟର ବିଚାରପତି ଓ ଆଡଭୋକେଟ ଜେନେରାଲ ମଧ୍ୟ ଉପସ୍ଥିତ ଥିଲେ । ଉଲ୍ଲେଖନୀୟ ଯେ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ ରଫିକଙ୍କୁ ଓଡିଶା ହାଇକୋର୍ଟକୁ ବଦଳି କରା ଯାଇଥିଲା। ଏ ନେଇ ଗତ ଏପ୍ରିଲ ମାସ ୧୮ ତାରିଖ ଦିନ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଥିଲେ । ଏହା ପରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ମିଳିଲା ପରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ ଜାଭେରୀ ଅବସର ଗ୍ରହଣ କରିବା ପରେ ଜଷ୍ଟିସ ସଂଜୁ ପଣ୍ଡା ଆକ୍ଟିଂ ଚିଫ ଜଷ୍ଟିସ ଭାବେ କାମ କରୁଥିଲେ।

କୋଭିଡ-୧୯ ମୁକାବିଲା ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମତବିନିମୟ

ଲକଡାଉନର ସୁଫଳ ମିଳିଛି, ହଜାର ହଜାର ଦେଶବାସୀଙ୍କ ଜୀବନ ରକ୍ଷା ହୋଇପାରିଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ ,(ପିଏନ)-ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସ ଜରିଆରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ କୋଭିଡ-୧୯ ମହାମାରୀର ଭବିଷ୍ୟତ କାର୍ଯ୍ୟ ପନ୍ଥା ନେଇ ଆଲୋଚନା କରିଛନ୍ତି । ଏହା ହେଉଛି ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ଚତୁର୍ଥ ମତବିନିମୟ । ପୂର୍ବରୁ ମାର୍ଚ୍ଚ ୨୦, ଏପ୍ରିଲ ୨ ଓ ଏପ୍ରିଲ ୧୧ ତାରିଖ ଦିନ ସେ ଏହିପରି ମତବିନିମୟ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଲକଡାଉନର ସୁଫଳ ଅରମକୁ ମିଳିଛି ଓ ଏଥିଯୋଗୁ ଗତ ଦେଢ ମାସ ମଧ୍ୟରେ ଆମେ ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରିବାରେ ସକ୍ଷମ ହୋଇପାରିଛେ । ସେ କହିଛନ୍ତି ଯେ, ଭାରତର ଜନସଂଖ୍ୟା ଅନ୍ୟ କେତେକ ଦେଶର ମିଳିତ ଜନସଂଖ୍ୟା ସହ ସମାନ । ମାର୍ଚ୍ଚ ମାସ ଆରମ୍ଭରେ ଭାରତ ଅବସ୍ଥା ଅନ୍ୟାନ୍ୟ ଦେଶଗୁଡିକର ପରିସ୍ଥିତି ସହ ସମାନ ଥିଲା। ମାତ୍ର ସମୟୋଚିତ ପଦକ୍ଷେପ ଯୋଗୁ ଆମେ ଅନେକ ଲୋକଙ୍କୁ ନିରାପଦରେ ରଖି ପାରିଲୁ । ସେ ଆହୁରି କହିଛନ୍ତି ଯେ, ମହାମାରୀର ବିପଦ ଏବେ ବି ଟଳିନାହିଁ ଓ ନିରବଚ୍ଛିନ୍ନ ସତର୍କତା ରକ୍ଷା କରିବା ଏବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହା ମଧ୍ୟରେ ଦୁଇଟି ଲକଡାଉନ ଦେଖି ସାରିଛି ଦେଶ ଓ ବିଭିନ୍ନ ଦୃଷ୍ଟିରୁ ଉଭୟ ଭିନ୍ନ ଧରଣର। ସେ କହିଛନ୍ତି ଯେ, ବିଶେଷଜ୍ଞମାନଙ୍କ ମତରେ କରୋନା ଭୂତାଣୁ ଆହୁରି କିଛି ମାସ ପର୍ଯ୍ୟନ୍ତ ରହିବ, ସେ ଦୃଷ୍ଟିରୁ ଦୁଇ ଗଜ ଦୂରତା ମନ୍ତ୍ର ସହ ମାସ୍କର ବ୍ୟବହାର ଆଗକୁ ଆମ ଜୀବନର ଏକ ଅଙ୍ଗ ଭାବେ ପରିଗଣିତ ହେବ। ସେ ଦୃଷ୍ଟିରୁ ସମସ୍ତଙ୍କ ଲକ୍ଷ୍ୟ ହେଉଛି ତ୍ୱରିତ କାର୍ଯ୍ୟାନୁଷ୍ଠାନ। ଅନେକ ଲୋକ କଫ ବା ଥଣ୍ଡା ଲକ୍ଷଣ ଥିଲେ ନିଜ ଆଡୁ ସେ ବିଷୟରେ ଜଣାଉଛନ୍ତି ତାହା ସ୍ୱାଗତଯୋଗ୍ୟ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଆମକୁ କୋଭିଡ-୧୯ର ମୁକାବିଲା କରିବା ସହ ଅର୍ଥନୀତି ଉପରେ ମଧ୍ୟ ଗୁରୁତ୍ୱାରୋପ କରିବାକୁ ପଡିବ। ସେ ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ ଦେବା ସହ ସଂସ୍କାରଧର୍ମୀ ପଦକ୍ଷେପ ଉପରେ ମଧ୍ୟ ଜୋର ଦେଇଛନ୍ତି । କୋଭିଡ-୧୯ର ମୁକାବିଲା ପାଇଁ ଦେଶରେ ଅଧିକରୁ ଅଧିକ ଲୋକ ଆରୋଗ୍ୟ ସେତୁ ଆପକୁ ଡାଉନଲୋଡ କରିବାକୁ ପରାମର୍ଶ ଦେଇଛନ୍ତି। ଆମକୁ ସାହସୀ ହେବା ସହ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତନ ପାଇଁ ସଂସ୍କାର ଆଣିବାକୁ ପଡିବ ବୋଲି ସେ କହିଛନ୍ତି। ବିଶ୍ୱବିଦ୍ୟାଳୟ ସହ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନେ ସେମାନଙ୍କର ଗବେଷଣା ଓ ଉଦ୍ଭାବନ କାର୍ଯ୍ୟକୁ ଅଧିକ ମଜବୁତ କରି ଏହି ମହାମାରୀର ମୁକାବିଲା ପାଇଁ ଉପାୟ ବାହାର କରିବାକୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟଗୁଡିକରେ ଥିବା ହଟସ୍ପଟ ବା ରେଡ ଜୋନ ଅଂଚଳଗୁଡିକୁ ଅଧିକ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ରେଡ ଜୋନକୁ ଅରେଞ୍ଜ ଜୋନ ଓ ଅରେଞ୍ଜ ଜୋନକୁ ଗ୍ରୀନ ଜୋନରେ ପରିଣତ କରିବା ଉପରେ ରାଜ୍ୟମାନେ ଅଧିକ ଧ୍ୟାନକେନ୍ଦ୍ରୀତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ବିଦେଶରେ ଥିବା ଭାରତୀୟମାନଙ୍କୁ ଦେଶକୁ ଫେରାଇ ଆଣିବା ପ୍ରସଂଗରେ ସେ କହିଛନ୍ତି ଯେ, ସେମାନେ ଓ ସେମାନଙ୍କ ପରିବାରର ଭଲମନ୍ଦ ବିଚାରକୁ ନିଆଯାଇ ଏହି ପଦକ୍ଷେପ ନିଆଯିବ। ନିକଟରେ ମୌସୁମୀ ବର୍ଷାର ଆଗମନକୁ ଦୃଷ୍ଟିରେ ରଖି ଯେପରି ଲୋକମାନେ ଅନ୍ୟାନ୍ୟ ରୋଗରେ ସଂକ୍ରମିତ ନ ହୁଅନ୍ତି ତାହା ଉପରେ ନଜର ରଖିବାକୁ ସେ ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଛନ୍ତି।

ଏଭଳି ଜଟିଳ ପରିସ୍ଥିତିରେ ସଂକ୍ରମଣକୁ ରୋକିବା ଦିଗରେ ନିଆ।ଯାଇଥିବା ପଦକ୍ଷେପ ଯୋଗୁ ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ । ସେମାନେ ଆନ୍ତର୍ଜାତିକ ସୀମା ଉପରେ କଡା ନଜର ରଖିବା ସହ ଆର୍ଥିକ ଆହ୍ୱାନର ମୁକାବିଲା ଓ ସ୍ୱାସ୍ଥ୍ୟ ଭିତିଭୂମିକୁ ଆହୁରି ମଜବୁତ କରିବା ଉପରେ ମତବ୍ୟକ୍ତ କରିଥିଲେ । କୋଭିଡ-୧୯ର ମୁକାବିଲା ଦିଗରେ ପୁଲିସ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପ୍ରତି ସେମାନେ କୃତଜ୍ଞତା ଜ୍ଞାପନ କରିଥିଲେ।

ଆପଉକାଳୀନ ବ୍ୟବସ୍ଥା ଅନୁଯାୟୀ ଯଦି ରଥଯାତ୍ରା ବନ୍ଦ ହୁଏ କୌଣସି ହାନିକାରକ ନୁହେଁ : ମୁକ୍ତି ମଣ୍ଡପ

ପୁରୀ, (ପିଏନ)-କରୋନା ସଂକ୍ରମଣକୁ ରୋକିବା ଲକ୍ଷ୍ୟ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତି କ୍ରମେ ରାଜ୍ୟରେ ଲକ୍ ଡାଉନ୍ କଟକଣା ଜାରୀ ରହିଛି । ଏପରି ସ୍ଥିତିରେ ଆଗକୁ ରଥଯାତ୍ରା ହେବ କି ନାହିଁ । ଯଦି ହେଲା କିପରି ସାମାଜିକ ଦୂରତ୍ୱ ରକ୍ଷା କରାଯିବ, ତାକୁ ନେଇ ବିଭିନ୍ନ ମହଲରେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି । ଏପରି ସ୍ଥିତିରେ ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରୀ କରି ସୁଚିନ୍ତିତ ପରାମର୍ଶ ରଖିଛନ୍ତି ମୁକ୍ତି ମଣ୍ଡପ ।

ଏହି ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, ଆପତକାଳୀନ ବ୍ୟବସ୍ଥା ଅନୁଯାୟୀ ଯଦି ରଥଯାତ୍ରା ବନ୍ଦ ହୁଏ କୌଣସି ହାନିକାରକ ନୁହେଁ । ତେବେ ସୀମିତ ସେବକ, ସ୍ୱଳ୍ପ ସଂଖ୍ୟକ ପୋଲିସଙ୍କୁ ନେଇ ହୋଇପାରିବ ରଥଯାତ୍ରା । ପୁରୀର ସମସ୍ତ ପ୍ରବେଶ ପଥକୁ ସିଲ୍ କଲେ କରୋନା ସଂକ୍ରମଣକୁ ଏଡାଇ ହେବ । ପୋଲିସ ଓ ସେବକଙ୍କ ବ୍ୟତୀତ ଅନ୍ୟ କାହାରିକୁ ପ୍ରବେଶ କରାଇ ଦିଆଯିବନି । ତେବେ ଯଦି ଅନିବାର୍ଯ୍ୟ କାରଣବଶତଃ ରଥଯାତ୍ରା ନହେଲା କୌଣସି ଅସୁବିଧା ନାହିଁ । ଆପତକାଳୀନ ବ୍ୟବସ୍ଥା ଅନୁଯାୟୀ ସାମ୍ପ୍ରତିକ ଦୁଃସ୍ଥିତିରେ ଏହା ହାନିକାରକ ନୁହେଁ । ଭକ୍ତ ଓ ସେବକ ସୁସ୍ଥ ରହିଲେ ମନ୍ଦିର ଏବଂ ଦେବତା କାନ୍ତିଯୁକ୍ତ ହେବେ । ତେବେ ଏ କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ସର୍ବଜନ ଗ୍ରାହ୍ୟ ବୋଲି ମୁକ୍ତି ମଣ୍ଡପ ପକ୍ଷରୁ କୁହାଯାଇଛି ।

କୁଲଗାମରେ ଗୁଳି ବିନିମୟ

ସେନା ଗୁଳିରେ ଟଳିଲେ ୩ ଆତଙ୍କବାଦୀ

କୁଲଗାମ, (ପିଏନ)-କୁଲଗାମ ଜିଲ୍ଲାର କାଜିଗୁଣ୍ଡ ଅନ୍ତର୍ଗତ ଲୋୟର ମୁଣ୍ଡା ଅଂଚଳରେ ସୋମବାର ସକାଳେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ତିନି ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଏହି ସମୟରେ ସୁରକ୍ଷାବଳର ଜଣେ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ହସ୍ପିଟାଲରେ ଭର୍ତି କରାଯାଇଛି। ସଂପ୍ରତି ଉଭୟ ପକ୍ଷରୁ ଗୁଳି ବିନିମୟ ବନ୍ଦ ରହିଛି। କିନ୍ତୁ ଆତଙ୍କବାଦୀ ଛପି ରହିଥିବା ଆଶଙ୍କାରେ ଯବାନ ଉକ୍ତ ଅଂଚଳରେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ନିହତ ଆତଙ୍କବାଦୀଙ୍କ ଶବ ସହିତ ସୁରକ୍ଷାବଳ ଅସ୍ତ୍ର ଶସ୍ତ୍ର ଓ ଗୋଳାବାରୁଦ ଜବତ କରିଛନ୍ତି। ତିନି ଆତଙ୍କୀଙ୍କ ପରିଚୟ ମିଳି ପାରି ନାହିଁ। ସୂତ୍ର ଅନୁଯାୟୀ ପ୍ରାଣ ହରାଇଥିବା ତିନି ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଟିଆରଏଫ କମାଣ୍ଡର ଆକିବ ମଧ୍ୟ ସାମିଲ।

ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସକାଳେ ଜିଲ୍ଲାର କାଜିଗୁଣ୍ଡ ଅନ୍ତର୍ଗତ ଲୋୟର ମୁଣ୍ଡା ଅଂଚଳରେ ଜାମ୍ମୁ-ଶ୍ରୀନଗର ଜାତୀୟ ରାଜମାର୍ଗରେ ସୁରକ୍ଷାବଳର ଏକ ଟିମ୍ ପେଟ୍ରୋଲିଂ କରୁଥିଲା। ଅଚାନକ ସେଠାରେ ପୂର୍ବରୁ ଛପି ରହିଥିବା ଆତଙ୍କବାଦୀ ସୁରକ୍ଷାବଳ ଉପରକୁ ଗୁଳିମାଡ କରିଥିଲେ। ଏଥିରେ ଜଣେ ଯବାନ ଆହତ ହୋଇଛନ୍ତି। ସୁରକ୍ଷାବଳର ଯବାନ ତୁରନ୍ତ ମୋର୍ଚ୍ଚା ସମ୍ଭାଳି ଆତଙ୍କବାଦୀଙ୍କୁ ପାଲଟା ଜବାବ ଦେଇଥିଲେ। ଏହା ପରେ ଉଭୟ ପକ୍ଷରୁ ଗୁଳି ବିନିମୟ ଆରମ୍ଭ ହୋଇଥିଲା। କିଛି ସମୟ ପରେ ଏସଓଜି ଟିମ୍, ସେନାର ୧୯ ଆରଆର ଓ ସିଆରପିଏଫର ୨୪ ବାଟାଲିୟନର ଯବାନ ଘଟଣାସ୍ଥଳରେ ପହଁଚିଥିଲେ। ଏହି ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି । ସୁରକ୍ଷାବଳ ଆତଙ୍କବାଦୀଙ୍କ ମୃତ ଶରୀର ନିଜ କବଜାକୁ ନେବା ସହ ଅସ୍ତ୍ର ଶସ୍ତ୍ର ଓ ଗୋଳା ବାରୁଦ ଜବତ କରିଛନ୍ତି। ମୃତ ଆତଙ୍କବାଦୀଙ୍କ ଚିହ୍ନଟ ହୋଇ ପାରି ନାହିଁ।

ଉଲ୍ଲେଖନୀୟ, ଗତ ୧୨ ଘଂଟାରେ କୁଲଗାମରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ଏହା ଦ୍ୱିତୀୟ ଗୁଳି ବିନିମୟ ଥିଲା। ଏହି ୧୨ ଘଂଟା ଭିତରେ ଯବାନ ଗୁଳିରେ ୭ ଆତଙ୍କବାଦୀଙ୍କ ପ୍ରାଣହାନୀ ଘଟିଛି। ଏହା ପୂର୍ବରୁ ରବିବାର ବିଳମ୍ବିତ ରାତ୍ରିରେ ମଧ୍ୟ କୁଲଗାମ ଜିଲ୍ଲାର ଅସ୍ଥାଲ ଅଂଚଳରେ ସୁରକ୍ଷାବଳ ଏବଂ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ଚାରି ଆତଙ୍କବାଦୀ ପ୍ରାଣ ହରାଇଥିବା ବେଳେ ସେନାର ଜନେ ମେଜର ମଧ୍ୟ ଆହତ ହୋଇଥିଲେ।

ଗୋଟିଏ ଦିନରେ ୮ କରୋନା ପଜିଟିଭ୍

ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୧କୁ ବୃଦ୍ଧି, କୋରାପୁଟକୁ ଛୁଇଁଲା ଭୂତାଣୁ

ଭୁବନେଶ୍ୱର,(ପିଏନ)-ସୋମବାର ଗୋଟିଏ ଦିନରେ ରାଜ୍ୟରେ ୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଲେଶ୍ୱରର ୬ ଜଣ , କୋରାପୁଟ ଓ ଯାଜପୁରରେ ଜଣେ ଲେଖାଏଁ ପଜିଟିଭ୍ ରହିଛନ୍ତି। ଏଥିସହ ରାଜ୍ୟରେ ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୧୧କୁ ବୃଦ୍ଧି ପାଇଛି। କୋରାପୁଟରେ ପ୍ରଥମ ଥର ପାଇଁ କରୋନା ମାମଲା ଆସିଛି। କୋରାପୁଟର ଦଶମୁନ୍ତପୁରରୁ ଚିହ୍ନଟ ହୋଇଥିବା ୨୨ ବର୍ଷୀୟ ଯୁବକ ଜଣେ ଷ୍ଟାଫ୍ ନର୍ସ ଏବଂ ସେ ନିକଟରେ କଲିକତାରୁ ଫେରିଥିଲେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ ସୋମବାର ପୂର୍ବାହ୍ନରେ ପ୍ରଥମେ ବାଲେଶ୍ୱରର ପାଂଚ ଜଣ ରୋଗୀ ଚିହ୍ନଟ ହୋଇଥିଲେ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ୫ ଜଣଙ୍କ ମଧ୍ୟରେ ୫୫ ବର୍ଷୀୟା (ମହିଳା), ୨୨ ବର୍ଷୀୟା (ମହିଳା), ୨୩ ବର୍ଷୀୟା (ମହିଳା), ୨୯ ବର୍ଷୀୟା (ମହିଳା), ୨୭ ବର୍ଷୀୟ (ପୁରୁଷ) ରହିଛନ୍ତି ।ଏମାନଙ୍କ ମଧ୍ୟରେ ସାମାନ୍ୟ ଲକ୍ଷଣ ଦେଖା ଦେଇଥିଲା । ସମସ୍ତେ ହୋମ କ୍ୱାରେଂଟାଇନରେ ଥିଲେ।

ସେହିପରି ଅପରାହ୍ନରେ ଜଣେ କୋରାପୁଟ ଜିଲ୍ଲାରଓ ଜଣେ ବାଲେଶ୍ୱର ଜିଲ୍ଲାର ପଜିଟିଭ୍ ଚିହ୍ନଟ ହୋଇଥିଲେ। କୋରାପୁଟ ଜିଲ୍ଲାରେ ଏହା ପ୍ରଥମ କରୋନା ମାମଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟ ଦଶମନ୍ତପୁରର ପଜିଟିଭ୍ ବ୍ୟକ୍ତି ଜଣକ ୨୨ ବର୍ଷୀୟ ପୁରୁଷ ଷ୍ଟାଫ୍ ନର୍ସ। ସେ ଗତ ୧୪ ତାରିଖରେ କୋଲକାତାରୁ ଫେରିଥିଲେ। ତେବେ ସେ କାର୍ଯ୍ୟରେ ଯୋଗ ଦେଇ ନଥିଲେ। କୋଲକାତାରୁ ଫେରିଥିବାରୁ ତାଙ୍କୁ କ୍ୱାରେଂଟାଇନ୍ ରେ ରଖାଯାଇଥିଲା। ସେହିପରି ବାଲେଶ୍ୱରର ଆକ୍ରାନ୍ତ ଜଣକ ୩୨ ବର୍ଷୀୟ ଓ ସେ ପଶ୍ଚିମବଙ୍ଗ ଫେରନ୍ତା। ଅପରପକ୍ଷରେ ସଂଧ୍ୟାରେ ଯାଜପୁରରେ ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଯାଜପୁର ବ୍ଲକର ବାସୁଦେବପୁର ଅଂଚଳର ଏହି କରୋନା ଆକ୍ରାନ୍ତଙ୍କୁ ମିଶାଇ ଦିନକରେ ଚିହ୍ନଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮ ରେ ପହଂଚିଛି। ଯାଜପୁରର ଏହି ନୂଆ ଆକ୍ରାନ୍ତ ଜଣକ ପୁରୁଷ ହୋଇଥିବାବେଳେ ସେ କୋଲକାତା ଫେରନ୍ତା ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଯାଜପୁର ଜିଲ୍ଲାରେ କରେନା ଆକ୍ରାନ୍ତଙ୍କ ସଂଖ୍ୟା ୧୯ ହୋଇଛି। ଏ ମଧ୍ୟରୁ ୧୮ ଜଣ ପଶ୍ଚିମବଙ୍ଗ ଫେରନ୍ତା ବୋଲି ସୂଚନା ରହିଛି।

ଏହି ସଂକ୍ରମିତ ମାନଙ୍କର ଚିହ୍ନଟ ପରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟାନ୍ୟ ପଦକ୍ଷେପ ନିଆ ଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ଏହି ପଜିଟିଭ ଆକ୍ରାନ୍ତଙ୍କୁ ମିଶାଇ ବର୍ତମାନ ରାଜ୍ୟରେ ପଜିଟିଭ ସଂଖ୍ୟା ୧୧୧ରେ ପହଂଚିଛି। ରାଜ୍ୟରେ ମୋଟ ସକ୍ରିୟ ସଂଖ୍ୟା ୭୩ ରହିଥିବା ବେଳେ ଏଯାବତ ୩୭ ଜଣ ସୁସ୍ଥ ହୋଇଛନ୍ତି ।ଗତକାଲି ମଧ୍ୟରାତ୍ରୀ ସୁଦ୍ଧା ରାଜ୍ୟରେ ୨୫,୧୦୩ ଟି କୋଭିଡ୍ ୧୯ ନମୂନା ପରୀକ୍ଷଣ ହୋଇଥିଲା।

ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ହାର ଦେଶରେ ସର୍ବାଧିକ, ପରୀକ୍ଷଣରେ ସବୁଠୁ କମ

କୋଲକାତା, (ପିଏନ)-ପଶ୍ଚିମବଙ୍ଗରେ କରୋନା ସଂକ୍ରମଣରେ ଅବସ୍ଥା ଅଧିକ ବିଗିଡିବାରେ ଲାଗିଛି। ଏହାର କାରଣ ରାଜ୍ୟରେ କରୋନା ପରୀକ୍ଷଣ ବହୁତ କମ ରହିଛି। ଦେଶରେ ସଂକ୍ରମଣ ହାର ସବୁଠୁ ଅଧିକ ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ନାମ ଗୋପନୀୟ ରଖିବା ସର୍ତରେ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଜାତୀୟ ସ୍ତରଠୁ ଅଧିକ ୪.୫ ପ୍ରତିଶତ ହାରରେ କରୋନା ସଂକ୍ରମିତ ଦେଖିବାକୁ ମିଳୁଛି। ଅର୍ଥାତ ଏଠାରେ ଯେତେ ଲୋକଙ୍କ ଯାଂଚ ହେଉଛି ସେଥିରୁ ୪.୫ ପ୍ରତିଶତ ଲୋକ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଏହା ବହୁତ ଚିନ୍ତାଜନକ। ବିଶେଷ କରି ରାଜ୍ୟରେ କରୋନା ଟେଷ୍ଟିଂ ହାର ବହୁତ ନିରାଶଜନକ ରହିଛି। ରବିବାର ସୁଦ୍ଧା ପୂରା ରାଜ୍ୟରେ କରୋନା ସଂକ୍ରମିତ ସଂଖ୍ୟା ୫୮୬ ରହିଛି। ଏଥିରୁ ୧୦୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ବାକି ରୋଗୀଙ୍କ ଚିକିତ୍ସା ହସ୍ପିଟାଲରେ ଜାରି ରହିଛି। ଏହି ତଥ୍ୟ ଆଧାରରେ ଅଧିକାରୀ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଯେବେ ରାଜ୍ୟରେ ରାପିଡ୍ ଟେଷ୍ଟିଂ ଆରମ୍ଭ ହେବ ତେବେ ସ୍ଥିତି ବହୁତ ଖରାପ ହେବ ।ରବିବାର ସୁଦ୍ଧା ପଶ୍ଚିମବଙ୍ଗ ସରକାରଙ୍କ ତଥ୍ୟ ଅନୁସାରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୧୦,୯୮୩ ଜଣଙ୍କ ନମୂନା ପରୀକ୍ଷଣ କରାଯାଇଛି। କରୋନାରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଯଦି କର୍ଣ୍ଣାଟକ କଥା କୁହାଯିବ ତେବେ, ରାଜ୍ୟରେ ୪୨୯୬୪ ଜଣଙ୍କ କରୋନା ଟେଷ୍ଟ କରାଯାଇଛି, ଯାହା ପଶ୍ଚିମବଙ୍ଗ ତୁଳନାରେ ୪ ଗୁଣା ଅଧିକ। ସେଠାରେ ସଂକ୍ରମିତ ସଂଖ୍ୟା କେବଳ ୫୦୩ ରହିଛି। ଏହି ପରି ଆନ୍ଧ୍ର ପ୍ରଦେଶରେ ୬୮ ହଜାର ଲୋକଙ୍କ ନମୂନା ଯାଂଚ କରାଯାଥିବା ବେଳେ ୧୦୯୭ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ମହାରାଷ୍ଟ୍ରରେ ଏକ ଲକ୍ଷରର ଅଧିକ ନମୂନା ପରୀକ୍ଷଣ କରାଯାଇଛି। ସେଥିରୁ ୭୦୦୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।ଦେଶରେ କରୋନା ଭାଇରସର ଆକଳନ ଚାରୋଟି ବିନ୍ଦୁ ଉପରେ କରାଯାଉଛି। ଗୋଟିଏ ହେଲା ସେହି ରାଜ୍ୟ ଯେଉଁଠି ରାପିଡ୍ ଟେଷ୍ଟିଂ ଜୋରଦାର କରାଯାଉଛି ଯଥା ଦିଲ୍ଲୀ ଓ ମହାରାଷ୍ଟ୍ର। ଏଠାରେ ବହୁ ସଂଖ୍ୟାରେ ଲୋକଙ୍କ ନମୂନା ଯାଂଚ କରାଯାଉଛି ଏବଂ ସେହି ଅନୁସାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି ପରି ସଂକ୍ରମଣ ହାର ପଶ୍ଚିମବଙ୍ଗଠୁ ମଧ କମ ରହିଛି। ପଶ୍ଚିମବଙ୍ଗରେ ତ ପରୀକ୍ଷଣ ହାର କମ ଏବଂ ପଜିଟିଭ୍ ସଂଖ୍ୟା ଅଧିକ ରହିଛି। ଯଦି ଅଧିକ ସଂଖ୍ୟାରେ କରୋନା ଟେଷ୍ଟିଂ ହୁଏ ତେବେ ଅଧିକ ସଂଖ୍ୟାରେ ପଜିଟିଭ୍ କେସ୍ ସାମ୍ନାକୁ ଆସିବ, ଯାହା ସ୍ଥିତିକୁ ଅଧିକ ଭୟାବହ କରିବ। ବିଶେଷ କରି ପଶ୍ଚିମବଙ୍ଗ ସରକାରଙ୍କ ରିପୋର୍ଟରେ ସଂକ୍ରମିତ ଲୋକ ଏବଂ ମୃତକଙ୍କ ତଥ୍ୟରେ ବହୁତ ବିଷମତା ଦେଖା ଯାଉଛି।

ପୌରାଂଚଳ ଗୋଷ୍ଠୀ ସଂଗଠିକାମାନଙ୍କୁ ଅଣଦେଖା ଅଭିଯୋଗ

ସେମାନଙ୍କ ଉପରେ ସରକାର ଦୃଷ୍ଟି ଦେବାକୁ ଦାବି

ଭୁବନେଶ୍ୱର,(ପିଏନ)- ଓଡ଼ିଶାର ପୌରପାଳିକାରେ ନିଯୁକ୍ତି ପାଇଥିବା ସରକାରୀ ଚୁକ୍ତିଭିତିକ ଓ ଆଉଟସୋର୍ସିଂର ଗୋଷ୍ଠ ସଂଗଠିକାମାନେ ବିଭିନ୍ନ କାର୍ଯ୍ୟ ନିରନ୍ତର କରୁଥିବା ବେଳେ ସେମାନଙ୍କୁ ସରକାର ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ସେମାନଙ୍କୁ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଦାବି ହେଉଛି ।

ମିଳିଥିବା ସୂଚନା ଅନୁସାରେ ସାମ୍ପ୍ରତିକ ପରିସ୍ଥିତିରେ କୋଭିଡ-୧୯ ଭଳି ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ସରକାରଙ୍କ ଦ୍ୱାରା ଯେଉଁସବୁ ସହାୟତା ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଛି ଭୟ ଓ ଆତଙ୍କକୁ ଖାତିର ନକରି ଓଡ଼ିଶାର ପୌରପାଳିକାରେ ନିଯୁକ୍ତି ପାଇଥିବା ସରକାରୀ ଚୁକ୍ତିଭିତିକ ଓ ଆଉଟସୋର୍ସିଂର ଗୋଷ୍ଠ ସଂଗଠିକାମାନେ ହେଲେ ଅନ୍ୟତମ। ବିଗତ ଏକ ଦଶନ୍ଧି ଧରି ଏମାନେ ଗରିବ ହିତାଧିକାରୀମାନଙ୍କୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗରିବ ଖଟିଖିଆ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିବା ସହିତ ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ, ସ୍ୱାମୀ ପରିତ୍ୟକ୍ତା ଓ ଅବିବାହିତମାନଙ୍କ ପାଇଁ ଭତା, ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ହରିଶ୍ଚନ୍ଦ୍ର ସହାୟତା, ଜାତୀୟ ପରିବାର ମଙ୍ଗଳ ଯୋଜନାରେ ବିଧବାମାନଙ୍କୁ ସହାୟତା, ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ପ୍ରଦାନ କରାଯାଉଥିବା ଅନୁଦାନ, ବ୍ୟକ୍ତିଗତ ଗୋଷ୍ଠୀ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ହିତାଧିକାରୀମାନଙ୍କ ନିମନ୍ତେ ବାସଗୃହ ନିର୍ମାଣ, ସହରାଂଚଳରେ ଭେଣ୍ଡରମାନଙ୍କ ପାଇଁ ଥଇଥାନ, ପୌରାଂଚଳରେ ବାସହୀନମାନଙ୍କୁ ବାସଗୃହ, କୁଶଳ ଭିତିକା ତାଲିକା ମାଧ୍ୟମରେ ନିଯୁକ୍ତି ପ୍ରଦାନ, ଗୋଷ୍ଠୀଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ଗୋଷ୍ଠୀଙ୍କ ଉନ୍ନତି ପାଇଁ ଲୋନ ବନ୍ଦୋବସ୍ତ ଏବଂ ଗୋଷ୍ଠୀ ଗଠନ ଆତ୍ମନିଯୁକ୍ତି ଯୋଜନା ଆଦି ବିଭିନ୍ନ ପ୍ରକାର କାର୍ଯ୍ୟରେ ଏମାନଙ୍କୁ ନିୟୋଜିତ କରାଯାଇଥାଏ। ଏହାବ୍ୟତୀତ ଜାତୀୟ ସହରାଂଚଳ ଜୀବିକା ମିଶନରେ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଗୋଷ୍ଠୀ ସଂଗଠିକାମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ। ହୁଡହୁଡ, ଫାଇଲିନ, ଫନି ଓ ତିତ୍‌ଲି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏମାନେ ଜୀବନକୁ ବିପନ୍ନ କରି କାର୍ଯ୍ୟ କରିଥାଆନ୍ତି ଯେଉଁ ସମୟରେ କାଉ କି କୋଇଲିଟିଏ ବି ପଦାକୁ ବାହାରି ନଥାନ୍ତି। ଏପରିକି ରାତ୍ରୀ ପ୍ରହରରେ ବସ୍ତିର ଗରିବ ଲୋକମାନଙ୍କ ଗହଣରେ ସମୟ ଅତିବାହିତ କରି ସେମାନଙ୍କ ଖାଇବା ପିଇବା ସମେତ ବିଭିନ୍ନ ପ୍ରକାର ସୁବିଧା ଅସୁବିଧା ସମ୍ପର୍କରେ ବିଶେଷ ଧ୍ୟାନ ଦେଇଥାନ୍ତି। ସେହି ଗୁରୁତ୍ୱପୂର୍ଣ୍ଣ ସମୟରେ ନିଜ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥାନ୍ତି।

କେବଳ ସେତିକି ନୁହେଁ ଆହୁରି ମଧ କରୋନା ମହାମାରୀ ମୁକାବିଲା ଜନିତ ସରକାରଙ୍କ ନିର୍ଦ୍ଦେଶନାମା ପାଳନ ନିମନ୍ତେ ଗୃହ ମଧ୍ୟରେ ଆବଦ୍ଧଥିବା ଗରିବ ଦିନମଜୁରିଆଓ ଖିଆପିଆ ଲୋକମାନଙ୍କୁ ଚାରିମାସର ଏକକାଳୀନ ଅଗ୍ରୀମଭତା, ରେସନ ବଂଟନ, ବିନା ରେସନକାର୍ଡ଼ ହିତାଧିକାରୀମାନଙ୍କୁ ରେସନ ବଂଟନ, ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ଅନୁଦାନ, ଦ୍ୱାର ଦ୍ୱାର ବୁଲି ସର୍ଭେ କରିବା ଇତ୍ୟାଦି କାର୍ଯ୍ୟରେ ସିଓମାନଙ୍କ ଦ୍ୱାରା ସମ୍ପାଦନ କରିଆସୁଛନ୍ତି।

ଉପରୋକ୍ତ କାର୍ଯ୍ୟଗୁଡ଼ିକ ବିଗତ ଏକ ଦଶନ୍ଧି ଧରି ଏମାନେ ଅର୍ଥ ବିଭାଗର ଅନୁମୋଦନ କ୍ରମେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ କର୍ମରତ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଯେ ଶିକ୍ଷା ଓ ସ୍ୱାସ୍ଥ୍ୟବିଭାଗ ଅଧିନରେ ଥିବା ଚୁକ୍ତିଭିତିକ କର୍ମଚାରୀମାନଙ୍କ ୬ବର୍ଷ କାର୍ଯ୍ୟ ସମ୍ପାଦନ କରିବା ପରେ ନିୟମିତ କରାଯାଉଥିବା ସ୍ଥଳେ ଗୃହ ଓ ନଗର ଉନ୍ନୟନ ବିଭାଗ ଦୁଃସ୍ଥ ଭାବରେ କର୍ମରତ ଏହି ଗୋଷ୍ଠୀ ସଂଗଠିକାମାନଙ୍କୁ ନିୟମିତ ନକରି ଜାଣିଶୁଣି ହତାଶ କରୁଛନ୍ତି। ସ୍ୱଳ୍ପ ବେତନରେ ଚୁକ୍ତିଭିତିକ ଓ ଆଉଟ୍‌ସୋର୍ସିଂ ସିଓମାନଙ୍କ ଉପରେ ଅନ୍ୟ କର୍ମଚାରୀମାନଙ୍କ ଦ୍ୱାରା ଯେଉଁ କାର୍ଯ୍ୟ ସମ୍ପନ୍ନ ହେବା କଥା ସେ କାର୍ଯ୍ୟଗୁଡ଼ିକ ସହିତ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ମଧ ସିଓମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ଫଳରେ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଥାଏ।

ସିଓମାନେ ବିଭିନ୍ନ ପ୍ରକାର କାର୍ଯ୍ୟରେ ନିୟୋଜିତ ହୋଇ ମାସିକ ବେତନ ୧୬,୦୦୦ ଟଙ୍କା ପାଉଥିବାବେଳେ ଜାତୀୟ ସହରାଂଚଳ ଜୀବିକା ମିଶନ ଏକ୍ସପ୍ରେସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗେ ଏକ୍ସପର୍ଟ, ଇନଫ୍ରାଷ୍ଟକଚର ଏକ୍ସପର୍ଟ, ସାନିଟାଇଜେସନ ଏକ୍ସପର୍ଟ, ସିଏଲଟିସି ଏକ୍ସପର୍ଟମାନେ ପର୍ଟିକୁଲାର ଗୋଟେ ଷ୍ଟିମ୍‌ରେ କାମ କରି ୪୦,୦୦୦ରୁ ୫୦,୦୦୦ ଟଙ୍କା ଦରମା ପାଉଛନ୍ତି।

ବିଭିନ୍ନ ସମୟରେ ପୌରପାଳିକାଗୁଡ଼ିକର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ମହୋଦୟ ଓ ସଚିବଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ତେଣୁ ଦୁଃସ୍ଥ ଜୀବନ ବିତାଉଥିବା କର୍ମରତ ଗୋଷ୍ଠୀ ସଂଗଠିକାମାନଙ୍କ ଦାବିପତ୍ର ଗୁରୁତ୍ୱାରୋପ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ କଲେ ଏମାନଙ୍କ ପରିବାର ଉପଯୁକ୍ତ ନ୍ୟାୟ ପାଇପାରିବେ ବୋଲି ଦାବି କରାଯାଉଛି।



ଟି ଟାଇମ୍

ଏବେ ବି ରାଜାଙ୍କ ଆଦେଶ ମାନୁଛନ୍ତି ଲୋକେ

ଛତିଶଗଡର ଜଗଦଲପୁର ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୩୫ କିଲୋମିଟରର ଦୂର ଛିନ୍ଦଗାଁରେ ଇନ୍ଦ୍ରାବତୀ ନଦୀ କୂଳରେ ଗୋରେଶ୍ୱର ମହାଦେବ ମନ୍ଦିର। ଏହି ମନ୍ଦିର ପରିସରରେ ପଡି ରହିଛି ଅନେକ ପୁରୁଣା ଶିବଲିଙ୍ଗ ସହିତ ଭଗବାନ ନରସିଂହ, ନଟରାଜ ଓ ମା' କାଳିଙ୍କ ମୂର୍ତ୍ତି। ଏଗୁଡିକ ସବୁ କିଛି ୧୦ମ ଶତାବ୍ଦୀର। କିନ୍ତୁ ଏହି ଶିବଲିଙ୍ଗ ଅବା ମୂର୍ତ୍ତିଗୁଡିକ ଛିନ୍ଦଗାଁ ବାସୀମାନେ ସ୍ପର୍ଶ କରନ୍ତି ନାହିଁ। କାରଣ ୭୪ ବର୍ଷ ପୂର୍ବେ ସେଠାକାର ରାଜା ଏହି ମୂର୍ତ୍ତିକୁ ନ ଛୁଇଁବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାନେ ଦେଶ ସ୍ୱାଧୀନ ହେବା ପୂର୍ବରୁ। ଆଉ ଏବେ ବି ଏଠାକାର ଗ୍ରାମବାସୀ ଏହି ରାଜାଙ୍କ ନିର୍ଦ୍ଦେଶକୁ ପାଳନ କରୁଛନ୍ତି। ରାଜା ଦେଇଥିବା ନିର୍ଦ୍ଦେଶନାମାଟି ଏବେ ବି ସେଠାରେ ଏକ କାଠଫଳକରେ ଝୁଲା ହୋଇ ରହିଛି। ଓ ଗ୍ରାମବାସୀମାନେ ତାଙ୍କ ରାଜାଙ୍କୁ ସେତେବେଳେ ବହୁତ ଭକ୍ତି କରୁଥିଲେ। ତେଣୁ ରାଜାଙ୍କ ସମ୍ମାନାର୍ଥେ ଏବେ ବି ଏଠାକାର ଲୋକେ ଏହି ମୂର୍ତ୍ତିକୁ ସ୍ପର୍ଶ କରନ୍ତି ନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ଏହି ମୂର୍ତ୍ତିଗୁଡିକର ସଂରକ୍ଷଣ ନିମନ୍ତେ ୧୯୮୨ ମସିହାରେ ସଂଗ୍ରହାଳୟକୁ ଆଣିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେଠାକାର ଗ୍ରାମବାସୀ ଏପରି କରିବାକୁ ଦେଇନଥିଲେ।

ଛାଡପତ୍ର ପାଇଁ ଉତ୍ସବ

ଆଜିକାଲି ଛାଡପତ୍ର ପରେ ଉତ୍ସବ ପାଳନ କରିବାର ଏକ ନୂଆ ଧାରା ଆରମ୍ଭ ହୋଇଛି। ହେଲେ କ୍ୟାଟଲିନ ମେରି ନାମକ ଏହି ମହିଳା ଆଉ କିଛି ପାଦ ଆଗକୁ ଯାଇ ଛାଡପତ୍ରର ଖୁସିକୁ ନିଆରା ଭାବେ ପାଳନ କରିଛନ୍ତି। ପାଶ୍ଚାତ୍ୟ ଦେଶରେ ବିବାହ ପରେ ଖୁସି ପାଳନ କରିବା ପାଇଁ ଦମ୍ପତି ମାନେ ସ୍ୱିମିଂ ପୁଲ କିମ୍ବା ସମୁଦ୍ରରେ ଗାଧୋଇଥାନ୍ତି। ହେଲେ ଛାଡପତ୍ର ନେବାପରେ ମେରି ଏହାର ଓଲଟା କରିଥିଲେ। ଦୀର୍ଘ ୪ବର୍ଷର ବିବାହ ବିଚ୍ଛେଦ ପରେ ନିଜ ୱେଡିଂ ଗାଉନ ପିନ୍ଧି ଜଙ୍ଗଲକୁ ଯାଇଥିଲେ। ହାତରେ ପେଟ୍ରୋଲ ଏବଂ କଇଁଚି ଟିଏ ମଧ୍ୟ ନେଇଥିଲେ। ପରେ ପାଣି ଭିତରେ ପଶି ନିଜ ଗାଉନକୁ କାଟିବା ଆରମ୍ଭ କରିଥିଲେ। ଧୀରେ ଧୀରେ ସବୁ ପୋଷାକକୁ କାଟି ବାହାରେ ପକାଇବା ପରେ ଏହା ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିଲେ। ୱେଡିଂ ଗାଉନ ଜଳୁଥିବା ବେଳେ ହାତରେ କିଛି ଏବଂ ଶିଆମ୍ପେନ ଧରି ବେଶ ଖୁସିରେ ନାଚିଥିଲେ ସେ। ଆଉ ଏହି ଫଟୋଗୁଡିକୁ ସୋସିଆଲ ମିଡିଆରେ ମଧ୍ୟ ସେୟାର କରିବାକୁ ସେ ଭୁଲିନଥିଲେ।

ପୁରାଣ କାହାଣୀ

ରାଜା ଜନଶ୍ରୁତିଙ୍କୁ ବ୍ରହ୍ମବିଦ୍ୟା ଉପଦେଶ



ବିଖ୍ୟାତ ବ୍ରହ୍ମ ବିଜ୍ଞାନୀ ଋଷି ରେକ୍ୱ ଶଗଡ ଗାଡି ଚଳାଇ ଜୀବିକା ନିର୍ବାହ କରୁଥିଲେ। ଋଷି ଜଣେ ବ୍ରହ୍ମଜ୍ଞାନୀ ହୋଇଥିବାରୁ ରାଜା ଜନଶ୍ରୁତି ବ୍ରହ୍ମବିଦ୍ୟା ଜ୍ଞାନ ହାସଲ କରିବା ପାଇଁ ଋଷିଙ୍କ ନିକଟରେ ପହଞ୍ଚିଲେ। ରାଜା ୬୦୦ଟି ଗାଈ ଏବଂ ରଥ ନେଇ ଋଷିଙ୍କ ପାଖକୁ ଗଲେ। ସେ ପହଞ୍ଚି ଋଷି ରେକ୍ୱଙ୍କୁ ପ୍ରଣାମ ଜଣାଇ କହିଲେ ମୁଁ ଆପଣଙ୍କ ସେବା କରିବାକୁ ଚାହୁଁଛି। ମୁଁ ସାଙ୍ଗରେ ଆଣିଥିବା ରଥ ଓ ଗାଈକୁ ସ୍ୱୀକାର କରନ୍ତୁ। କିନ୍ତୁ ଋଷି ରେକ୍ୱ ଅସ୍ୱୀକାର କଲେ। ରାଜା ଜନଶ୍ରୁତି ରେକ୍ୱଙ୍କୁ କିଛି ଭେଟି ଦେବାକୁ ଆଗ୍ରହ ପ୍ରକଶ କଲେ ନାହିଁ। ଏହା ଦେଖି ଋଷି ରେକ୍ୱ ନିଜ କ୍ରୋଧକୁ ସୀମିତ କରି କହିଲେ ଟିକେ ପଛକୁ ଯାଅ, ସୂର୍ଯ୍ୟ ରଶ୍ମିର ବାଧକ ସାଜିଛି, ଯାହା ମୋ ଆଡକୁ ଆସୁଥିଲା। ତୁମେ ଯେଉଁଠାରେ ଛିଡା ହୋଇଛ ସେଠାରୁ ଦୂରେଇ ଯାଅ। ସେଇଠି ବାଧା ରହିଛି। ବ୍ରହ୍ମ ବିଦ୍ୟା ଏପରି ଏକ ବସ୍ତୁ କେଉଁଠି ବିକ୍ରୟ କରାଯାଏ ନାହିଁ। ଯଦି କ୍ରୟ ବା ବିକ୍ରୟ କରାଯାଏ ତାହେଲେ ଏକ ପାତ୍ର ଆବଶ୍ୟକ। ରାଜାଙ୍କ ପରୀକ୍ଷା ଲାଗି ଋଷି ରେକ୍ୱ ଅନେକ ପ୍ରଶ୍ନ ପଚାରିଥିଲା। ଏହାପରେ ଜାଣିବାକୁ ପାଇଲେ ଜନଶ୍ରୁତି ଆତ୍ମତତ୍ତ୍ୱର ଅଧିକାରୀ। ଶେଷରେ ଋଷି ରାଜା ଜନଶ୍ରୁତିଙ୍କୁ ବ୍ରହ୍ମବିଦ୍ୟା ଉପଦେଶ ଦେଇଥିଲେ।

ଖନନ ସମୟରେ ମିଳିଲା ୪ହଜାର କୋଟି

ବୋଗୋଟା କେତେବେଳେ କାହା ଭାଗ୍ୟରେ ଚମକ ସୃଷ୍ଟି ହେବ ତାହା କେହି କହିପାରିବେ ନାହିଁ। ଏହିଭଳି ଏକ ଘଟଣା ଘଟିଛି କଲମ୍ବିଆର ଜଣେ କୃଷକଙ୍କ କ୍ଷେତ୍ରରେ। ୬୫ବର୍ଷୀୟ ଜୋସ ମାରିଆନାଙ୍କ ଭାଗ୍ୟ ମାତ୍ର କିଛି ସମୟ ଭିତରେ ବଦଳି ଯାଇଥିଲା। ଆଉ ସେ ପାଲଟି ଯାଇଥିଲେ କୋଟିପତି। ଗରିବ ପରିବାରରୁ ଆସିଥିବା ଜୋସ ଦିନେ ନିଜ ଜମିକୁ ଖୋଳୁଥିବା ସମୟରେ ଏକ ନୀଳ ରଙ୍ଗର ଡବା ଉପରେ ତାଙ୍କ ନଜର ପଡିଥିଲା। ଏକ ସାଧାରଣ ଡବା ଭାବି ସେ ତାକୁ ମାଟିତଳୁ କାଢିଥିଲେ। ହେଲେ ଡବା ଖୋଲିବା ପରେ ଚକିତ ହୋଇଯାଇଥିଲେ। ଏହି ଡବା ଭିତରେ ୪ହଜାର କୋଟି ଟଙ୍କା ରହିଥିଲା। କୁହାଯାଉଛି ଯେ ସରକାର ଜୋସଙ୍କ ଠାରୁ ଏହି ଡବାଟି ନେବା ସହ ଜୋସଙ୍କୁ କିଛି ଅର୍ଥ ଦେଇଥିଲେ। ଆଉ ବାକି କିଛି ଅର୍ଥ ମଧ୍ୟ ଗରିବଙ୍କୁ ବଣ୍ଟା ଯାଇଥିଲା। କହା ମଧ୍ୟ ହେଉଛି ଯେ ଏହି ଅର୍ଥ ବିଶ୍ୱର ସବୁଠୁ ବଡ଼ ନିଶା ବେପାରୀ ପାବ୍ଲୋ ଇମିଲିଓଙ୍କର ଥିଲା। ସେ ଏହି ଅର୍ଥକୁ ମାଟିତଳେ ଲୁଚାଇ ରଖିଥିଲେ।

ପେପର ଚୋରି ରୋକିବା ପାଇଁ ଟଏଲେଟରେ ଲାଗୁଛି କ୍ୟାମେରା

ଚୀନର ବିଭିନ୍ନ ଶୌଚାଳୟରେ ଟଏଲେଟ ପେପର ଚୋରି ପ୍ରଶାସନ ପାଇଁ ବଡ଼ ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ଚୀନ ରାଜଧାନୀର ବିଭିନ୍ନ ଶୌଚାଳୟରେ ସେନସରଯୁକ୍ତ କ୍ୟାମେରା ଲଗାଇବା ଆରମ୍ଭ ହୋଇସାରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜଧାନୀର ସବୁଠାରୁ ବ୍ୟସ୍ତ ପର୍ଯ୍ୟଟନ ସ୍ଥଳ ଟେମ୍ପଲ ଅଫ ହେଭେନରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ ଯଦି ଟଏଲେଟରେ କୌଣସି ବ୍ୟକ୍ତିଙ୍କୁ ନିହାତି ପେପରର ଆବଶ୍ୟକତା ପଡେ ତେବେ ସେହି ବ୍ୟକ୍ତିଙ୍କୁ ଲାଗିଥିବା କ୍ୟାମେରା ଆଗରେ ପ୍ରଥମେ ଠିଆ ହେବାକୁ ପଡିବ। କ୍ୟାମେରା ଉକ୍ତ ବ୍ୟକ୍ତିଙ୍କ ଚେହେରାକୁ ସ୍କାନ କରି ସେଭ କରିବା ପରେ ପେପର ମେସିନକୁ ପେପର ରିଲିଜ କରିବା ପାଇଁ କମାଣ୍ଡ ଦେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ଶୌଚାଳୟରୁ ନୂଆନୂଆ ପେପରରୁ କୋଟିଏ ମିନିଟ ଭିତରେ ଗାଏବ ହେଉଥିବାରୁ ପରିଚାଳନା ବିଭାଗକୁ ବଡ଼ ଆର୍ଥିକ କ୍ଷତି ସହିବାକୁ ପଡୁଛି। ମିଡିଆ ରିପୋର୍ଟ ଅନୁସାରେ ଏହି ଚୋରିରେ ବୟସ୍କ ଲୋକଙ୍କର ବେଶି ହାତ ଅଛି।

ଆଜିର ଭାଗ୍ୟ

ମେଷ ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପାରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପାରନ୍ତି।

ମିଥୁନ ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ ନେଇ କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

କର୍କଟ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ଶାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦା ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ଚିନ୍ତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା ପ୍ରତ୍ୟେକ କ୍ଷେତ୍ରରେ ସକ୍ରିୟ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଅନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

ତୁଳା ସାଥୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

ବିଛା ଭ୍ରାତାଙ୍କ ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

ଧନୁ ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୈତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର ଉନ୍ନତିକୁ ଚିନ୍ତା କରି ଅସ୍ଥିର ହେବେ।

ମକର କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

କୁମ୍ଭ ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ଚିନ୍ତିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

ମୀନ ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜାଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ବାଧାର ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରବାନ୍ୱିତ ମନେ କରିବେ।

'ଟପୋରି' ସଂପୂର୍ଣ୍ଣ କମେଡ଼ି ଫିଲ୍ମ

ADIKANDA SAHU
Presents
ଟପୋରି
.com

“ଅ ଆ ହର୍ଷେଇ' ରିଲିଜ୍ ହେବାର ଭିତି ମଧ୍ୟରେ ପାଖାପାଖି ବର୍ଷେ ବିତିଗଲାଣି। ଏହା ମଧ୍ୟରେ ଆପଣଙ୍କୁ ଅନ୍ୟ କୌଣସି ସିନେମାରେ ଦେଖିବାକୁ କାହିଁକି ମିଳିନାହିଁ? 'ଅ ଆ ହର୍ଷେଇ' ରିଲିଜ୍ ହେବା ପରେ ମୁଁ ଅନ୍ୟ ଏକ ସିନେମାରେ ନାୟକ ଭୂମିକା କରୁଥିଲି। ଏହାର ସୁଟିଂ ମଧ୍ୟ ମନାଲି ଠାରେ ଆରମ୍ଭ ହୋଇଥିଲା। ହେଲେ କେହି ସିଡ୍ୟୁଲ ପରେ ଫିଲ୍ମଟି ବନ୍ଦ ହୋଇଗଲା। ତା'ନହେଲେ ଗତ ବର୍ଷ ମୋତେ ସେହି ସିନେମାରେ ଦେଖିବାକୁ ପାଇଥାନ୍ତେ ଦର୍ଶକ। ଆପଣ ନିଜ ହୋମ ପ୍ରଡକ୍ସନରେ 'ଟପୋରି' ନିର୍ମାଣ କରୁଛନ୍ତି। କାହିଁକି ପ୍ରଯୋଜନା କ୍ଷେତ୍ରରେ ପ୍ରବେଶ କରିଲେ? ଏହା ମୋ ବାପାଙ୍କର ଇଚ୍ଛା। ମୋ'ବାପା ଅଦିକନ୍ଦ ସାହୁ 'ଟପୋରି' ର ପ୍ରଯୋଜକ। ମୁଁ ନିଜ ମନମୁତାବକ କାହାଣୀ ଓ ଚରିତ୍ର ପାଇଁ ପ୍ରଯୋଜନାରେ ପ୍ରବେଶ କରିଛି। 'ଟପୋରି' କିଭଳି ଧରଣର ସିନେମା? ଏହା ଏକ ଫୁଲ୍ କମେଡି ସିନେମା। ଅବଶ୍ୟ ଏଥିରେ ମେସେଜ୍ ମଧ୍ୟ ରହିଛି। ଏହି ସିନେମାରେ ଆପଣଙ୍କ ଚରିତ୍ରଟି କିପରି? ଟାଇଟଲ୍ ରୋଲରେ ମୁଁ ଅଛି। ସେଥିରୁ ବୁଝିପାରୁଥିବେ ଚରିତ୍ରଟି କିଭଳି। ଅର୍ଥାତ୍ ଏଥିରେ ଟପୋରି ଭଳି ଯୁବକଟିଏ ମୁଁ ବନିଛି। ଯିଏ କିଛି କାମ ନକରି କେବଳ ସାଙ୍ଗମାନଙ୍କ ସହ ମସ୍ତି କରୁଛି। ଅବଶ୍ୟ ତା' ଭିତରେ ଗୋଟିଏ ଝିଅକୁ ମୁଁ ଭଲ ପାଇ ବସିଛି। ତା'ପରେ କ'ଣ ସବୁ ଘଟେ ତାହା ହିଁ କାହାଣୀର ମୁଖ୍ୟ ପ୍ରସଙ୍ଗ। 'ଟପୋରି' ର ଅନ୍ୟ କଳାକାର ମାନେ କିଏ? ଏଥିରେ ମିହିର ଦାସ, ପ୍ରଜ୍ଞା, ଅମର, କୁନୁ ଓ ପ୍ରତିଭା ପଣ୍ଡା ପ୍ରମୁଖ ଅଭିନୟ କରିଛନ୍ତି।

ମୂଲ୍ୟବାନ ଗଣେଶ ମୂର୍ତ୍ତି

ସୁରଟ ବିଶ୍ୱର ସବୁଠାରୁ ମୂଲ୍ୟବାନ ଗଣେଶ ମୂର୍ତ୍ତି ଏବେ ସୁରଟରେ। ଆଉ ଏହି ମୂର୍ତ୍ତିର ମୂଲ୍ୟ ହେଉଛି ୬୦୦କୋଟି ଟଙ୍କା। ଭାରତର ହୀରା ନଗରୀ ଭାବେ ପରିଚିତ ଏଠାରେ ୧୮୨.୩ କ୍ୟାରେଟର ଏକ ଗଣେଶଙ୍କ ମୂର୍ତ୍ତି ରହିଛି, ଯାହାର ଓଜନ ହେଉଛି ୩୬.୫ଗ୍ରାମ। ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଯେ ଏହାକୁ ତିଆରି କରାଯାଇନାହିଁ, ବରଂ ହୀରାଖଣ୍ଡରେ ପ୍ରାକୃତିକ ଭାବେ ଏହି ହୀରାଖଣ୍ଡର ଗଠନ କରାଯାଇଛି। ଏହି ମୂର୍ତ୍ତିଟି ସୁରଟର ପ୍ରସିଦ୍ଧ ହୀରା ବ୍ୟବସାୟୀ କନୁ ଭାଇଙ୍କ ଘରେ ଥିଲା ବେଳେ ଗତ ୧୨ବର୍ଷ ଧରି ତାଙ୍କ ପରିବାର ଲୋକେ ଗଣେଶଙ୍କୁ ପୂଜାଅର୍ଚ୍ଚନା କରିଆସୁଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ ୧୨ବର୍ଷ ତଳେ ବେଲଜିୟମରୁ ଆସିଥିବା ହୀରାମୁଣ୍ଡ ଭିତରେ ଏହା ରହିଥିଲା। ଗଣେଶଙ୍କ ମୂର୍ତ୍ତି ଭଳି ଏହି ହୀରାଖଣ୍ଡଟି ଦେଖାଯିବାରୁ ଆମେ ତାକୁ ଘର ମନ୍ଦିରରେ ରଖିଥିଲୁ। ସେବେଠାରୁ ଏହା ଏଠାରେ ପୂଜା ପାଉଛନ୍ତି।

ବୁଲା କୁକୁରଙ୍କୁ କବର

ସମଗ୍ର ଦୁନିଆରେ ମୋକ୍ଷସ୍ଥଳୀ ଭାବେ ଗୟା ଜଣାଶୁଣା। ଏଠାରେ ପିଣ୍ଡଦାନ କଲେ ପୂର୍ବଜଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ। କିନ୍ତୁ ଏଠାରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ବୁଲା କୁକୁର ସମେତ ଅନ୍ୟ ପଶୁମାନଙ୍କୁ ମରିବା ପରେ ସେମାନଙ୍କର ନାମକରଣ କରାଯିବା ସହ ସେମାନଙ୍କୁ ସସମ୍ମାନେ ସତ୍କାର କରାଯାଇଥାଏ। ଶବ ସତ୍କାର ପରେ କବରରେ ସେମାନଙ୍କର ଫଟୋ ସହ ନେମ ପ୍ଲେଟ ମଧ୍ୟ ଲଗାଯାଇଥାଏ। ଭଗବାନ ବୁଦ୍ଧଙ୍କ ଜ୍ଞାନସ୍ଥଳୀ ବୁଦ୍ଧଗୟାଠାରେ ଜଣେ ବିଦେଶୀ ମହିଳା ଏଲ୍ଲିଆନା ଫେରେଣ୍ଟି ଏହି କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଗତ ୩୦ ବର୍ଷ ହେବ ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ଇତି ମଧ୍ୟରେ ସେ ୫୫୦ରୁ ଉର୍ଦ୍ଧ୍ୱ ମୃତ ପଶୁଙ୍କୁ କବର ଦେଇ ସାରିଛନ୍ତି। ଯେବେ ବି ବୁଦ୍ଧଗୟା ରାସ୍ତାଘାଟରେ ବୁଲନ୍ତି, ସେତେବେଳେ ରାସ୍ତା କଡରେ ମୁମୂର୍ଷୁ ଅବସ୍ଥା ପଡି ରହିଥିବା କୁକୁର ଓ ଅନ୍ୟାନ୍ୟ ଜୀବମାନଙ୍କୁ ଦେଖି ଦୁଃଖ ହେଉଥାଏ। ସେ ଭାବନ୍ତି ସେ ଏହି ପଶୁମାନେ କିଛି କହି ପାରନ୍ତିନି। ସେଥିପାଇଁ କେହି ସେମାନଙ୍କ ଦୁଃଖ ଜାଣି ପାରନ୍ତିନି। ତେଣୁ ସେ ରାସ୍ତା କଡର ପଶୁପକ୍ଷୀ ମାନଙ୍କୁ ନିଜ ସାଙ୍ଗରେ ନେଇ ଆସି ସେମାନଙ୍କର ଚିକିତ୍ସା କରାଇବା ସହ ଟୀକାକରଣ ମଧ୍ୟ କରିଥାନ୍ତି। ଏହି ଆନାଙ୍କ ପାଖରେ ଏବେ ୧୨୦ଟି କୁକୁର, ୫୦ ଛେଳି, କୁକୁଡା, ଠେକୁଆ, ଗାଈ ଏବଂ ମାଛ ଆଦି ରହିଛି। ସେ ସେମାନଙ୍କୁ ସକାଳ ସଞ୍ଜରେ ଦୁଇ ଥର ଖାଇବା ଦେବା ସହ ସେମାନଙ୍କର ରହିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ସେହିପରି ଯେଉଁମାନଙ୍କର ମୃତ୍ୟୁ ହୋଇଯାଇଥାଏ ସେ ସେମାନଙ୍କୁ ବୌଦ୍ଧ ପରମ୍ପରା ଅନୁସାରେ ଶବ ସତ୍କାର କରିଥାନ୍ତି।

ପର୍ଯ୍ୟବେକ୍ଷକ
ମହାନଗର

ଘରୋଇ ବସ୍ ଉପରେ ଲକ୍ ଡାଉନ ମାଡ଼

ପେଟ ଚିନ୍ତାରେ ୨ ହଜାର ପରିବାର

ଜୟପୁର,(ପିଏନ)- କରୋନା ସଂକ୍ରମଣ ରୋକିବାକୁ ତାକୁ ମୁକାବିଲା କରିବା ପାଇଁ ଲକ୍ ଡାଉନ ଘୋଷଣା ହୋଇଛି । ପ୍ରଥମ ପର୍ଯ୍ୟାୟ ଲକ ଡାଉନ ଶେଷ ହେବା ପରେ ଦ୍ୱିତିୟ ପର୍ଯ୍ୟାୟ ଲକ ଡାଉନ ଆରମ୍ଭ ହୋଇଛି । ଫଳରେ ଏହି ଲକଡାଉନ ଯୋଗୁଁ ବସ ମାଲିକ ଓ କର୍ମଚାରିଙ୍କ ଉପରେ ସିଧା ସଳଖ ପ୍ରଭାବ ପଡିଛି । ଗତ ମାର୍ଚ୍ଚ ୨୨ ତାରିଖରୁ କୋରାପୁଟ ଜିଲା ଘରୋଇ ବସ ମାଲିକ ସଂଘର ୨ ଶହରୁ ଅଧିକ ବସ ଚଳାଚଳ ବନ୍ଦ ହୋଇ ଲକ୍ ଡାଉନ ପରଠାରୁ ଗାଡିଗୁଡିକ ଛିଡା ହୋଇରହିଛି । କ୍ଷତି ପରିମାଣ ଏତେ ବଢିଲାଣି ଯେ ଲକ ଡାଉନ ଉଠିବା ପରେ ବସ ଚଳାଇବା ସମ୍ଭବ ହୋଇ ପାରିବାରିକ ନାହିଁ ସେହି ଚିନ୍ତାଘାରିଛି ।

ଅନ୍ୟପଟେ ବସରେ ନିୟୋଜିତ କର୍ମଚାରିଙ୍କ ଦୁଦ୍ଦଷା ଦେଖିବି କିଛି ପରୁ ନାହାଁନ୍ତି ବସ ମାଲିକ ।

ଏଠାରେ ସମସ୍ତଙ୍କୁ ଚକଗଡିଲେ ହିଁ ଦୈନିକ ମଜୁରି ଦିଆଯାଏ । ପାଖାପାଖି ୪୦ ଦିନ ହେବ ଚକା ଜାମ ହୋଇଥିବାରୁ ଗାଡିରେ ନିୟୋଜିତ ହୋଇଥିବା ଡ୍ରାଇଭର, କଣ୍ଡକ୍ଟର, ହେଲପର ଭଳି ୨ ହଜାର କର୍ମଚାରିଙ୍କ ଜୀବିକା ପ୍ରଭାବିତ ହୋଇଛି । ଏପଟେ ଗାଡି ଗଡୁ ନଥିବାରୁ ଟିକସ, ବୀମା, ବ୍ୟାଙ୍କ ଇଏମଆଇ ସବୁ ରହିଛି । ଆର୍ଥିକ କ୍ଷତି କୁ ନେଇ ୨ ଶହରୁ ଅଧିକ ବସ ମାଲିକ ଅଣନିଃଶ୍ୱାସୀ ହୋଇ ପଡିଲେଣି । କେବେ ବସ ଚାଲିବ କି ମେ’ ୩ ପରେ ଲକ୍ ଡାଉନ ବଢିବ ସେ ନେଇ ଚିନ୍ତାରେ ଅଛନ୍ତି । ସରକାର ସହାୟତା ପ୍ରଦାନ ନକଲେ ବସ ଚଳାଇବା କଷ୍ଟକର ହେବ ବୋଲି ମାଲିକମାନେ ମତପ୍ରକାଶ କରିଛନ୍ତି । ଜୟପୁର ଠାରୁ ଅବିଭକ୍ତ କୋରପୁଟ ଜିଲାର କୋଣ ଅନୁକୋଣକୁ ଯାତ୍ରୀ ନେବା ଆଣିବା କରିବା ମୁଖ୍ୟ ମାଧ୍ୟମ ହେଉଛି ଘରୋଇ ବସ ସେବା

ଏସି ବସ୍ ଓ ନନ୍ ଏସି ବସ ମଧ୍ୟ ୪୦ରୁ ୫୦ ଲକ୍ଷରୁ ଅଧିକ ହୋଇଥିବାବେଳେ ବସ ମାଲିକମାନେ ବ୍ୟାଙ୍କ, ଫାଇନାନ୍ସ କମ୍ପାନିରୁ ଋଣ ଆଣି ବସ କିଣିଥାନ୍ତି । ବ୍ୟାଙ୍କଗୁଡିକ ୩ ବର୍ଷ ପାଇ ୧୩ ପ୍ରତଶତ ସୁଧ ହାରରେ ଦେବାକୁ ପଡୁଛି । ବୀମା ବର୍ଷ କୁ ୧ ଲକ୍ଷରୁ ଅଧିକ, ଏମଭି ଫିଟନେସ, ପରମିଟ ଆଦି ଟିକସ ବାବଦରେ ପ୍ରତିମାସରେ ୨୦ ରୁ ୨୫ ହଜାର ଟଙ୍କା ମାଲିକକୁ ଖଚ୍ଚ କରିବାକୁ ପଡୁଛି । ଏହାଦେ କର୍ମଚାରୀଙ୍କ ଦରମା, ବସର ରକ୍ଷଣା ବେକ୍ଷଣ, ମରାମତି ବି ରହିଛି । ଏଭଳି ଅବସ୍ଥା ଆଉ କିଛି ଦିନ ବଳବତର ରହିଲେ ମାଲିକ ମାନେ ଆର୍ଥିକ ଦେବାଳିଆ ହେବା ସହ କର୍ମଚାରିମାନେ ହାହାକାର ହୋଇଯିବେ । ଏପରି ଘଡିସନ୍ଧି ମୁହ ରୁ ରକ୍ଷା ପାଇବା ପାଇଁ ସରକାରଙ୍କ ସହଯାତା ଲୋଡିଛି ସଂଘ । ବସ ଚଳାଚଳ ପାଇ ଏମଭି ଟିକସ ଛାଡ, ବ୍ୟାଙ୍କ ସୁଧ ରାଶି ଛାଡ, ବୀମା ନବିକରଣ ଅବଧିକୁ ୬ ମାସ ବୃଦ୍ଧି ସହ କର୍ମଚାରିଙ୍କ ପାଇଁ ଚାଉଳ. ଡାଲି ସହ କିଛି ଅର୍ଥ ଆଦି ଦାବି କରାଯାଇଛି । ଜନସ୍ୱାର୍ଥ ଦୃଷ୍ଟିରୁ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ଦାବି କରାଯାଇଛି ।

ବୌଦ୍ଧ ଜିଲାରେ କରୋନା ଆତଙ୍କରୁ ବଳିଗଲା ସହକାରୀ ଜିଲାପାଳଙ୍କ ଦାଦାଗିରି

ନିରିହ ଲୋକଙ୍କୁ ବିନା କାରଣରେ ପ୍ଲାଷ୍ଟିକ ପାଇପରେ ପିଟିଲେ, ଅନେକେ ଆହତ

ବୌଦ୍ଧ, (ପିଏନ)- କରୋନା ଆତଙ୍କରେ ସାରା ରାଜ୍ୟ ଥରହର ହେଉଥିବା ବେଳେ ବୌଦ୍ଧ ଜିଲାର ଜନୈକ ସହକାରୀ ଜିଲାପାଳଙ୍କ ଦାଦାଗିରି କରୋନା ଆତଙ୍କରୁ ବଳିଯାଇଥିବା ଅଭିଯୋଗ ହୋଇଛି । ବୌଦ୍ଧ ସହରରେ ରବିବାର ଦିନ ସକାଳୁ ଲୋକେ କିଏ ପରିବା କିଣିବା ପାଇଁ ତ ଆଉ କିଏ ଡାକ୍ତରଖାନା ଯିବା ପାଇଁ ତ ଆଉ କିଏ ମେଡିସିନ କିଣିବା ଓ ଅନ୍ୟ ଜରୁରୀ କାମରେ ଯାଉଥିବା ନିରିହ ଲୋକଙ୍କୁ ସହକାରୀ ଜିଲାପାଳ ଅବିନାସ ପାଣ୍ଡିଆ ପିଟିଥିବା ଥିବା ନେଇ ଗୁରୁତର ଅଭିଯୋଗ ହୋଇଅଛି । ଲକ୍ ଡାଉନ ଆରମ୍ଭ ହେବା ଦିନ ଠାରୁ ବୌଦ୍ଧ ସହର ସମେତ ସମଗ୍ର ଜିଲାରେ ପୋଲିସ ବ୍ୟାପକ ପଇଁତରା ମାରୁଥିବା ସହ ବିନା କାମରେ କେହି ବାହରକୁ ବାହାରିଲେ କିମ୍ବା ବୁଲାବୁଲି କଲେ ତାଗିଦ୍ କରିବା ଏବଂ କେତେକ କ୍ଷେତ୍ରରେ ଆର୍ଥିକ ଦଣ୍ଡ ମଧ ଆଦାୟ କରୁଥିଲା । ଲୋକେ କରୋନା ଭୟରେ ଘରୁ ବାହାରିବା ବନ୍ଦ କରିଦେଇଥିବା ବେଳେ କେବଳ ଜରୁରି କାମରେ ବାହାରୁଥିବା ଦେଖାଯାଉଛି । ତଥାପି କେତେକ ଅମାନିଆଙ୍କୁ ଧରିବା ଓ ଦଣ୍ଡ ପ୍ରଦାନ କରିବା ପାଇଁ ପୋଲିସ ତା’ର କର୍ତବ୍ୟ କରୁଥିବା ବେଳେ ସହକାରୀ ଜିଲାପାଳ ନିଜେ ସହରରେ ବୁଲି ବୁଲି ଖଣ୍ଡିଏ ପ୍ଲାଷ୍ଟିକ ପାଇପ୍ ସାହାଯ୍ୟରେ ଲୋକଙ୍କୁ ମନଇଚ୍ଛା ବାଡେଇବା ଆରମ୍ଭ କରିଦେଇଥିଲେ । ଜଣେ ଗ୍ରାମବାସୀଙ୍କୁ ସୁଦସାହି ଛକରେ କିଛି ନପଚାରି ହଠାତ୍ ବାଡେଇବାକୁ ଆରମ୍ଭ କରିଥିଲେ । ମାଡ ଏତେ ପ୍ରବଳ ହେଲାଯେ ଗ୍ରାମବାସୀ ଜଣକ ଚେତାଶୂନ୍ୟ ହୋଇ ସେହିଠାରେ ତଳେ ପଡିଯାଇଥିଲେ , ପରେ ଲୋକେ ଉକ୍ତ ଗ୍ରାମବାସୀଙ୍କ ମୁହଁରେ ପାଣି ମାରିବା ପରେ ତାଙ୍କର ଚେତା ଫେରିଥିଲା । ଲୋକେ ତାଙ୍କୁ ମେଡିକାଲ ନେବାକୁ ଚାହିଁବାରୁ ସେ ଭୟଭୀତ ହୋଇ ଗାଁକୁ ପଳାଇଥିଲେ । ସେହିପରି ଅମରେଶ ପାତ୍ର ନାମକ ଜଣେ ଯୁବକ ନିଜ ଘର ବାରଣ୍ଡାରେ ଛିଡା ହୋଇଥିବା ବେଳେ ତାକୁ ପ୍ଲାଷ୍ଟିକ ପାଇପ ସାହାଯ୍ୟରେ ବାଡେଇଥିଲେ , ସେଥିରେ ସେ ଆହାତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ସୁରଜ ଅଗ୍ରୱାଲା ନାମକ ଜଣେ ଯୁବକ ନିଜ ବାପାଙ୍କ ସହ ମେଡିକାଲରୁ ଫେରୁଥିବା ବେଳେ କିଛିନପଚାରି ତାଙ୍କୁ ମଧ ବାଡେଇଥିବା ଅଭିଯୋଗ ହୋଇଛି । ସହକାରୀ ଜିଲାପାଳ ଅବିନାସ ପାଣ୍ଡିଆ ଗତ କିଛି ଦିନ ହେଲା ପୋଲିସର ସହାୟତା ବିନା ନିଜେ ନିଜେ ମନଇଚ୍ଛା ସହର ତଥା ଜିଲାର ବିଭିନ୍ନ ଅଂଚଳରେ ଲୋକଙ୍କୁ ବାଡେଇବା, ଗାଡି ଯାଂଚ କରିବା, ମନଇଚ୍ଛା ଗାଡି ଚାଳକ ଏବଂ ନିରିହ ଦୋକାନୀଙ୍କ ଠାରୁ ଜୋରିମାନା ଆଦାୟ କରୁଥିବା ବେଳେ ରବିବାର ଦିନ ତାଙ୍କ ବ୍ୟବହାର ଏବଂ ଉଦଣ୍ଡତା ଚରମ ସୀମାରେ ପହଁଚିଥିଲା । ତାଙ୍କର ଔଦ୍ଧତ୍ୟ ବ୍ୟବହାର ଏବଂ କାମକୁ ନେଇ ଜନସାଧାରଣରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ଜିଲାପାଳ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି ।

ଅନଲାଇନ ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି

ଭୁବନ,(ପିଏନ)- କରୋନା ସତର୍କତା ପାଇଁ ଓଡିଶାରେ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଜୁନ ୧୭ ତାରିଖ ପର୍ଯ୍ୟନ୍ତ ସରକାର ବନ୍ଦ କରାଇ ଦେଇଛନ୍ତି । ଦୀର୍ଘ ୩ ମାସ କାଳ ଛାତ୍ରଛାତ୍ରୀମାନେ କିଭଳି ପାଠ ପଢିବେ ? ପାଠ ନପଢିଲେ ସେମାନଙ୍କ ଭବିଷ୍ୟତ ନଷ୍ଟ ହୋଇଯିବା ଚିନ୍ତାରେ ସରକାର କେବଳ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଅନଲାଇନରେ ପାଠପଢା ଯୋଜନା କରିଛନ୍ତି । ତେବେ ଏହା ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲକ୍ଷ୍ୟ କରାଯାଉଛି ।

ସରକାର ମାଧ୍ୟମିକ ଶିକ୍ଷା ପରିଷଦ ଅଧିନରେ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବା ପିଲାଙ୍କ ପାଇଁ ଦୂରଦର୍ଶନ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି । ଅନେକ ଗରିବ ଲୋକଙ୍କ ଘରେ ଟିଭି ନଥିବା ବେଳେ କାଳ ବୈଶାଖି ଯୋଗୁ ବିଦ୍ୟୁତର ଲୁଚକାଳି ଖେଳଯୋଗୁ ଛାତ୍ରଛାତ୍ରୀମାନେ ଏଥିରୁ ବଂଚିତ ହେଉଛନ୍ତି । ଆଉ ଏକ କଥା ହେଲା ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ପାଠପଢ଼ି ପାରୁନାହାଁନ୍ତି । ଫଳରେ ଡାଉଟ କ୍ଲିୟର ହେଉନାହିଁ । ଏହି ଯୋଜନା କେବଳ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଥିଲାବେଳେ ପ୍ରଥମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ କୌଣସି ଯୋଜନା ନଥିବାରୁ ସେମାନେ ଘରେ ବସି ଅକାରଣରେ ସମୟ ଅତିବାହିତ କରୁଛନ୍ତି ।

ସରକାରଙ୍କ ପ୍ରଦତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହି ଅଧିକାଂଶ ପିଲାଙ୍କ ନିକଟରେ ପହଁଚି ନଥିବାରୁ ସେମାନେ ଖେଳକୁଦରେ ସମୟ ବିତାଉଛନ୍ତି । କରୋନା ଭୟ ସାଙ୍ଗକୁ ଲକଡାଉନ ଯୋଗୁ ଶିକ୍ଷକ ମାନେ ପିଲାଙ୍କ ଘରେ ପହଁଚି ପାରୁନାହାଁନ୍ତି କି ଅଭିଭାବକ ମାନେ ମଧ ଶିକ୍ଷକ ଙ୍କ ପାଖକୁ ଯାଇ ବହି ଆଣି ପାରୁନାହାଁନ୍ତି । ଶିକ୍ଷକ ଙ୍କୁ ଫୋନ କଲେ ସବୁ ବହି ଆସିନାହିଁ ଗୋଟେ ଦିଇଟା ଲେଖାଏଁ ବହି ଆସିଛି,ସବୁ ବହି ଆସୁ ଏକାଥରକେ ନେବେ ବୋଲି କହୁଛନ୍ତି । ଘରୋଇ ବିଦ୍ୟାଳୟ ଗୁଡିକୁ ଯୋଗାଇ ଦିଆଯାଉଥିବା ସରକାରୀ ବହି ଏଯାଏଁ ଆସି ନଥିବା ବେଳେ କେତେକ ବେସରକାରୀ ସ୍କୁଲରେ ଅଭିଭାବକଙ୍କୁ ନେଇ ଏକ ହ୍ୱାଟସ ଆପ ଗ୍ରୁପ ତିଆରି କରାଯାଇ ସେଥିରେ ଦୈନିକ ପାଠ୍ୟଦାନ କରାଯାଉଛି ଓ ପିଲା ଏହି କୋର୍ସ କରୁଛି କି ନାହିଁ ଅଭିଭାବକ ମାନେ ତଦାରଖ କରିବାକୁ କୁହାଯାଉଛି । କିନ୍ତୁ ଟାକ୍ସ ଆଦାୟ କରାଯାଉନଥିବା ବେଳେ ସବୁ ଅଭିଭାବକ ଶିକ୍ଷିତ /ବିଜ୍ଞ ନୁହଁନ୍ତି କି ସମସ୍ତଙ୍କ ପାଖରେ ଆଣ୍ଡ୍ରଏଡ ମୋବାଇଲ ସ୍ମାର୍ଟ ଫୋନ ମଧ ନଥିବାରୁ ଏହି ପ୍ରକ୍ରିୟାରେ ମଧ ସବୁ ଛାତ୍ରଛାତ୍ରୀ ଉପକୃତ ହୋଇପାରୁନାହାଁନ୍ତି ।

ଗୋଟେ ଓଳି ବଦଳରେ ୨ଓଳି ଦୋକାନ ଖୋଲିବାକୁ ଦାବି

ଭୁବନ,(ପିଏନ)- ଦୀର୍ଘ ମାସେ ହେଲା ମହାମାରୀ କରୋନା ପାଇଁ ଲକଡାଉନ କରାଯାଇ କେବଳ ଅତ୍ୟାବଶ୍ୟକୀୟ ସେବା ସଂସ୍ଥା ଗୁଡିକୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ଦିଆଯାଇଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ମତେ ଗତକାଲି ରାଜ୍ୟ ସରକାର ଦୋକାନ ଖୋଲିବା ସଂପର୍କରେ ଯଦିଓ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ତେବେ ଜିଲ୍ଲାପାଳ ମାନେ ସେମାନଙ୍କ ଅଂଚଳରେ କେଉଁ ଦୋକାନ ଖୋଲିବ ଓ କେତେ ସମୟ ଖୋଲିବ ସେ ନିଷ୍ପତି ନେବେବୋଲି ନିର୍ଦ୍ଦେଶ ଦେଇଛନ୍ତି । ଢେଙ୍କାନାଳ ଜିଲ୍ଲାପାଳ ପୂର୍ବ ବିଜ୍ଞପ୍ତି ଯାହା ଥିଲା ତାକୁ ପରିବର୍ତନ ନକରି ନୂଆ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ପୂର୍ବରୁ ଦିନ ୧୧ ଟା ଯାଏ ଯେମିତି ଗୋଟେ ଓଳି ଦୋକାନ ଖୋଲୁଥିଲା ଏବେ ସେମିତି ଖୋଲିବ, ନୂଆ କିଛି ନାହିଁ । ହୋଟେଲ ଢାବାରେ ବସିକରି ଖିଆପିଆ ହେବନାହିଁ ପାର୍ସଲ ଯାଇପାରିବ ବୋଲି ସରକାର ନିୟମ କରିଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ସଂପୂର୍ଣ୍ଣ ବନ୍ଦ । ଢେଙ୍କାନାଳରେ ମାତ୍ର ଜଣେ କରୋନା ରୋଗୀ ଚିକିତ୍ସିତ ହୋଇ ଘରକୁ ଫେରିଥିଲା ବେଳେ ଆଉ ନୂଆ ଆକ୍ରାନ୍ତ ନାହାଁନ୍ତି । କିନ୍ତୁ ଯାଜପୁର ଜିଲ୍ଲା ହଟସ୍ପଟ ଜୋନ ତଥା ୧୮ ଜଣ କରୋନା ରୋଗୀ ଥିବା ବେଳେ ଲୋକଙ୍କ ଗହଳି ଦୂର କରିବା ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାପାଳ ସକାଳ ସମେତ ଉପର ଓଳି ଅପରାହ୍ନ ୪ଟାରୁ ୭ଟା ଦୋକାନ ଖୋଲା ରହିବ ବୋଲି ବିଜ୍ଞପ୍ତି ପ୍ରକାଶ କରିବା ସହ ହୋଟେଲ ଢାବାରୁ ପାର୍ସଲ ମଧ ନେବା ବ୍ୟବସ୍ଥା କରିଛନ୍ତି । ଗୋଟିଏ ଓଳି ଦୋକାନ ଖୋଲା ରହୁଥିବାରୁ ସକାଳ ସମୟରେ ପ୍ରବଳ ଗହଳି ହେବା ସହିତ ସାମାଜିକ ଦୂରତା ରକ୍ଷା ହୋଇପାରୁନି । ସ୍ୱଳ୍ପ ସମୟରେ ସମସ୍ତେ ବ୍ୟସ୍ତ ହୋଇ ଆଗେ ଜିନିଷ ନେବାକୁ ଚାହୁଁଛନ୍ତି । ଉପରଓଳି ଦୋକାନ ଖୋଲା ହେଲେ ନିଶ୍ଚିତ ଭାବେ ଗହଳି କମିଯାଆନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ବହିରାଗତ ଲୋକଙ୍କ ପାଇଁ ଗାଁ ଲୋକଙ୍କ ଭାଳେଣି

ଭୁବନ,(ପିଏନ)-ଲକଡାଉନ ସକାଶେ ବାହାର ରାଜ୍ୟରେ ଅଟକିଥିବା ଲକ୍ଷାଧିକ ଛାତ୍ରଛାତ୍ରୀ,ପର୍ଯ୍ୟଟକ ଓ ଶ୍ରମିକ ମାନଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବାହାରେ ଥିବା ଲୋକମାନେ ନିଜ ନାମ ପଂଜିକରଣ କରି ଗାଁ କୁ ଆସିବାକୁ ବ୍ୟସ୍ତ ବିବ୍ରତ । ଆଜି ପ୍ରଥମ ଦଫାରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଙ୍କ ସହ ନବୀନ ବାବୁ ଫୋନରେ କଥାହୋଇ ସ୍ୱତନ୍ତ୍ର ବସରେ ଲୋକଙ୍କୁ ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । କୋଭିଡ-୧୯ ମୁଖପାତ୍ର ସୁବ୍ରତ ବାଗଚୀଙ୍କ କହିବା ଅନୁଯାୟୀ ରାଜ୍ୟ ବାହାରେ ୫ ଲକ୍ଷରୁ ଅଧିକ ଲୋକ ଗାଁ କୁ ଆସିବାକୁ ଅପେକ୍ଷା କରିଛନ୍ତି ଓ ପଂଜିକୃତ ଲୋକମାନେ ଗାଁ କୁ ଆସିବା ପରେ ୧୪ ଦିନ ସଙ୍ଗରୋଧରେ ରହିବାକୁ ବାଧ ବୋଲି ପ୍ରକାଶ କରିଛନ୍ତି । ବହିରାଗତ ଙ୍କ ଆଗମନ ପାଇଁ ଗାଁ ଲୋକଙ୍କର ଏବେ ଭାଳେଣି ପଡିଛି । ଗାଁ ଲୋକ ଗାଁକୁ ଆସିବେ ସେଥିରେ କାହାର ଆପତି ନାହିଁ କିନ୍ତୁ ବର୍ତମାନ ସ୍ଥିତିରେ ଯିଏବି ଆସିବେ ସେମାନଙ୍କୁ ପ୍ରଥମେ ରାପିଡ ଟେଷ୍ଟ କରି ଅଣାଯାଉ । ଯାହାଙ୍କ ଠାରେ କରୋନା ପଜିଟିଭ ଥିବ ସେମାନଙ୍କୁ କୋଭିଡ ହସ୍ପିଟାଲ ଏବଂ ଅନ୍ୟ ମାନଙ୍କୁ ଗାଁ କୁ ପଠାଇ ସଙ୍ଗରୋଧରେ ରଖାଯାଉ । ବିନା ଟେଷ୍ଟରେ ଗାଁ କୁ ଆସି ସଙ୍ଗରୋଧରେ ରହିଲେ ବି ବିପଦ ବୋଲି ଗାଁ ଲୋକେ ପ୍ରକାଶ କରୁଛନ୍ତି । ପଂଚାୟତମାନଙ୍କରେ ଖୋଲାଯାଇଥିବା କ୍ୱାରେନଟାଇନ ସେଂଟରଗୁଡିକରେ ସରକାରଙ୍କର ନିୟମାନୁଯାୟୀ ସୁବିଧା ନାହିଁ । ବିନା ପରୀକ୍ଷାରେ ସେଠାରେ ରହିଲେ ଗ୍ରାମପାଇଁ ବିପଦ ବୋଲି କେତେକ ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଭୁବନ ଏନଏସି ଓ ବ୍ଲକରୁ ପ୍ରାୟ ୧୫୦୦ ଲୋକ ଗାଁକୁ ଫେରିବେ ବୋଲି ଜଣାପଡିଛି ।

କାମ ହରାଇଥିବା ପରିବହନ ଶ୍ରମିକଙ୍କୁ ସହାୟତା ପାଇଁ ଦାବି

ଭୁବନେଶ୍ୱର,(ପିଏନ)- ସାରା ବିଶ୍ୱରେ କରୋନା ସଂକ୍ରମଣର ଭୟାବହତା ବୃଦ୍ଧି ପାଉଥିବାବେଳେ ଭାରତବର୍ଷରେ ଗତ ମାର୍ଚ୍ଚ ୨୨ ତାରିଖ ଠାରୁ ମଇ ୩ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍ ଡାଉନ୍ ଘୋଷଣା କରାଯାଇଛି । କିନ୍ତୁ ଏହି ଲକ୍ ଡାଉନ୍ କାରଣରୁ ବିଶେଷ କରି ଯାତ୍ରା ପରିବହନ କରୁଥିବା ବସ୍, ଟ୍ରକ୍, ଅଟୋଚାଳନ ଓ ହେଲ୍ପର ସମେତ ବିଭିନ୍ନ ବସଷ୍ଟାଣ୍ଡମାନଙ୍କରେ ଖଲାସି ବୋଝେଇ କାମ କରୁଥିବା ଶ୍ରମିକମାନେ ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱ ବେକାର ହୋଇ ସେମାନଙ୍କ ଦୈନନ୍ଦିନର ମଜୁରୀ ହରାଇଛନ୍ତି ।

ଏପରିକି ଲକ୍ ଡାଉନ୍ କାରଣରୁ ବିଭିନ୍ନ ସ୍ଥାନରେ ଏହି ଶ୍ରମିକମାନେ ଟ୍ରକ୍, ବସ୍ ଅଟକାଇ ରାସ୍ତା କଡ଼ରେ ଭୋକ ଉପାସରେ ରହିଛନ୍ତି । ଯାତ୍ରୀ ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଫଳରେ ଏହି କ୍ଷେତ୍ରର ଶ୍ରମିକମାନେ ନିଜର ଓ ପରିବାର ଦୈନନ୍ଦିନ ଖାଦ୍ୟର ବ୍ୟବସ୍ଥା କରିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି । ଏପରିକି ସେମାନେ ଓ ସେମାନଙ୍କର ପରିବାର ଭୋକ ଉପାସରେ ରହିବାକୁ ପଡୁଛି । ଖାଦ୍ୟ ଅଭାବ କାରଣରୁ ଉପାସରେ ରହିବା ଫଳରେ ବିଭିନ୍ନ ରୋଗର ସମ୍ମୁଖିନ ହେଉଛନ୍ତି ।

ଏହିଭଳି କ୍ଷତିଗ୍ରସ୍ତ ପରିବହନ ଶ୍ରମିକଙ୍କୁ ତାଙ୍କର ମାଲିକ କିମ୍ବା ସରକାରଙ୍କ ତରଫରୁ କୌଣସି ସହାୟତା ପ୍ରଦାନ କରାନଯିବା ଅତ୍ୟନ୍ତ ହୃଦୟ ବିଦାରକ ଘଟଣା । ପ୍ରତ୍ୟେକ ପରିବହନ ଶ୍ରମିକଙ୍କୁ ଦିଲ୍ଲୀର କେଜରିୱାଲା ସରକାର ଆର୍ଥିକ ସହାୟତା ପ୍ରଦାନ କରୁଥିବାବେଳେ ଆମ ଓଡ଼ିଶା ସରକାର ତୁରନ୍ତ ଉପରୋକ୍ତ କ୍ଷେତ୍ରର ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ଶ୍ରମିକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ନିଖିଳ ଓଡ଼ିଶା ପରିବହନ ଶ୍ରମିକ ମହାସଂଘର ଉପ ସଭାପତି ଶ୍ରମିକ ନେତା ରାଧାରମଣ ଷଡ଼ଙ୍ଗୀ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଦାବି କରିଛନ୍ତି ।

ଇଂ ଅମ୍ରେଶ ପରିଡା ବ୍ଲକ ସଂଯୋଜକ ନିଯୁକ୍ତ

ଧର୍ମଶାଳା,(ପିଏନ)- ଯୁବ କଂଗ୍ରେସ ନେତା ଇଂ ଅମ୍ରେଶ ପରିଡାଙ୍କୁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ କୋଭିଡ-୧୯ ବରୀ ବ୍ଲକ ସଂଯୋଜକ ଭାବେ ନିଯୁକ୍ତି କରାଯାଇଛି । ଏହା ଦ୍ୱାରା ଅମ୍ରେଶ ବରୀ ବ୍ଲକର ବିଭିନ୍ନ ବ୍ୟକ୍ତି ବିଶେଷ ଯେଉଁମାନେ ରାଜ୍ୟ ତଥା ରାଜ୍ୟ ବାହାରେ ଅଛନ୍ତି ସେମାନେ କିଭଳି ନିଜ ରାଜ୍ୟ ତଥା ବ୍ଲକକୁ ଫେରିବେ ସେ ନେଇ ସେ ଜିଲା ପ୍ରଶାସନ ସହିତ ଯୋଗାଯୋଗ କରିବେ ।

ଏବେବି ଲକ ଡାଉନ ପାଇଁ ବରୀ ବ୍ଲକର ୫ ହଜାରରୁ ଅଧିକ ବ୍ୟକ୍ତି ରାଜ୍ୟ ତଥା ଜିଲା ବାହାରେ ଅଟକି ଥିବା ଜଣାଯାଇଛି । ସେମାନେ କିଭଳି ଭଲରେ ଫେରିବେ ଓ ସରକାରୀ ବିଧିବ୍ୟସ୍ଥାର ଅନୁପାଳନ କରିବେ ସେ ନେଇ ମଧ ଦୃଷ୍ଟି ଦେବେ । ଆଜି ଏ ବିଷୟରେ ତାଙ୍କ ନିକଟକୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଚିଠି କରାଯାଇ ତାଙ୍କୁ ଅବଗତ କରାଯାଇଛି । ଏହି ନିଯୁକ୍ତି ପାଇବା ପରେ ଅମ୍ରେଶ ଏହାକୁ ଗୁରୁତ୍ୱର ସହ ନେବା ସହିତ ବରୀ ବ୍ଲକର ଲୋକମାନେ କିଭଳି ଭଲରେ ଫେରିବେ ସେ ନେଇ ପଦକ୍ଷେପ ନେବେ ବୋଲି ସେ ମତ ପ୍ରକାଶ କରିଛନ୍ତି ।


ADMISSION OPEN
MAHARISHI PLAY SCHOOL
LAUGH
PLAY
LEARN
SHARE
PLAYGROUP(2+)
NURSERY(3+)
LKG, UKG
STD 1 TO V

Find the difference

FACILITIES
- Surveillance through CCTV Camera
- Small Classes
- Congenial Environment
- Intimate, Safe & secured place
- Experienced & loving teachers
- Individual attention to each child
- Spacious Playground
- Transport Facilities
- Hobby Classes on every Saturday

COACHING CLASSES : FOR STD I TO X
TIMING 5 PM TO 6.30 PM

25% SEATS ARE RESERVED FOR EWS STUDENTS IN STD 1
ENROLL YOUR CHILD TODAY

MAHARISHI PUBLIC SCHOOL
N4/F/24, IRC Village
Nayapalli, Bhubaneswar
Tel:0674-2558884,2550786
Email: maharishipublic13@ gmail.com
CALL NOW FOR APPLICATION

ଖେଳ

ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Tuesday, April 28,2020 ଭୁବନେଶ୍ୱର ମଙ୍ଗଳବାର ଅପ୍ରେଲ ୨୮,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

ସବୁଜ ମୟୂରଭଞ୍ଜ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ବାରିପଦା,(ପିଏନ)- ବୈଶାଖ ଶୁକ୍ଳ ପକ୍ଷ ତୃତୀୟା ତିଥିକୁ ପବିତ୍ର ଅକ୍ଷୟ ତୃତୀୟା ଭାବେ ପାଳନ କରାଯାଇଆସୁଥିବା ବେଳେ ସରକାରୀସ୍ତରରେ ଔପଚାରିକ ଭାବେ କୃଷକ ଦିବସ ରୂପେ ପାଳନ କରାଯାଉଛି । ସେହିପରି କୃଷକମାନେ ଏହି ଦିବସର ଅମୃତ ବେଳାରେ ଅକ୍ଷିମୁଠି(ଅକ୍ଷୟମୁଠି) ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି । ଚାଷୀ ନିଜ ସ୍ୱୀଠାରୁ ଏକ ଗଉଣିରେ ହଳଦୀ ଚନ୍ଦନ, ସିନ୍ଦୁର ବୋଳାଯାଇଥିବା ଧାନ ବିହନକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଇ ମା ଲକ୍ଷ୍ମୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ କ୍ଷେତର ଐଶାନ୍ୟ କୋଣରେ ଭୋଗ ରାଗ ସହିତ ଭକ୍ତିପୂତ ନୈବେଦ୍ୟ ଅର୍ପଣ ପରେ ଜମିରେ ହଳ ବୁଲାଇ ବିହନ ବୁଣି କୃଷି କାର୍ଯ୍ୟ ଶୁଭାରମ୍ଭ କରିଥାନ୍ତି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସବୁଜ ମୟୂରଭଞ୍ଜ ପକ୍ଷରୁ ସଭାପତି ତଥା ରାଜ୍ୟ କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ଅକ୍ଷିମୁଠି ଅନୁକୂଳ କରିଥିଲେ । ଆଜି ମୟୂରଭଞ୍ଜ ଜିଲ୍ଲାର ଶାମାଖୁଣ୍ଟା ବ୍ଲକ ଅଧୀନ ବାଉଁଶବିଲାଠାରେ କୃଷି ଓ କୃଷକମାନଙ୍କର ଶୁଭ ମନାସି ହଳ ବୁଲାଇ ଅକ୍ଷିମୁଠି ଅନୁକୂଳ କରିଥିଲେ । ଏହି ଅବସରରେ ସବୁଜ ସୁନ୍ଦର ମୟୂରଭଞ୍ଜର ଶାମାଖୁଣ୍ଟା ବ୍ଲକ ସଂଯୋଜକ କାଶୀନାଥ ସିଂଙ୍କ ସଂଜୋଜନା ଓ ଚାଷୀ ନେତା ଦିଗମ୍ବର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦ୍ରୌପଦୀ ସିଂ, କନକଲତା ସିଂ, ଧୀରେନ ସିଂ, ଭୈରବ ନନ୍ଦ ସିଂ, ଜିତୁ ସିଂ ପ୍ରମୁଖ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିବା ବେଳେ ଛାତ୍ରନେତା ଆର୍ଶିବାଦ ଦାସ, ସୁଶୀଳ ସେଠୀ ପ୍ରମୁଖ ସହଯୋଗ କରିଥିଲେ ଏବଂ ଲକ୍ ଡ଼ାଉନର ମାର୍ଗଦର୍ଶୀକାକୁ ଗୁରୁତ୍ୱ ଦେଇ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ।

ଜିଲ୍ଲାର ସୀମାନ୍ତକୁ ନିଷ୍ଠାର ସହ କଡାକଡି ନଜଗିଲେ ସ୍ଥିତି ଅସମ୍ଭାଳ ହେବା ସମ୍ଭାବନକୁ ଏଡାଇ ଦିଆଯାଇ ପାରିବ ନାହିଁ

କେନ୍ଦୁଝର,(ପିଏନ)-ସମଗ୍ର ବିଶ୍ୱ ଏବେ କରୋନା ଦ୍ୱାରା କବଳିତ । ଭାରତ ବର୍ଷରେ କରୋନା ସଂକ୍ରମିତ ଙ୍କ ସଂଖ୍ୟା କମିବାରେ ନାମ ଧରୁ ନାହିଁ । ଓଡିଶା ରାଜ୍ୟରେ କରୋନା ସଂକ୍ରମିତ ସଂଖ୍ୟା ବୃଦ୍ଧିରେ ରୋକ ଲଗିଥିବା ବେଳେ ହଠାତ୍ କୋଲକତା ରୁ ପଡୋଶୀ ଜିଲ୍ଲାକୁ ଫେରୁଥିବା ଶ୍ରମିକଙ୍କ ଯୋଗୁଁ ତାହା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଲୋକଙ୍କ ମଧ୍ୟରେ ଅଜଣା ଆଶଙ୍କାର ଭୟ ଦିନକୁ ଦିନ ବଢ଼ାଉଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ପଡୋଶୀ ଯାଜପୁର , ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ସଂକ୍ରମଣ କେନ୍ଦୁଝର ଜିଲ୍ଲାର ଅଧିବାସୀଙ୍କୁ ଅଧିକ ଆତଙ୍କିତ କରିବା ସ୍ୱାଭାବିକ ।

କେନ୍ଦୁଝର ଜିଲ୍ଲାରେ ଅଦ୍ୟାବଧି କୌଣସି ଗୋଟିଏ ବି କରୋନା ପଜିଟିଭ ବାହାରି ନଥିଲେ ମଧ୍ୟ ଏବେ ବି ସାମାନ୍ୟ ଅସାବଧାନତା ହେଲେ କେନ୍ଦୁଝର ଜିଲ୍ଲାରେ କରୋନା ପ୍ରବେଶକୁ ରୋକ ଲଗାଇବା ଯେ କାଠିକର ବ୍ୟାପାର ହୋଇ ପଡିବ ଏଥିରେ କାହାର ଦ୍ୱିମତ ହେବାର କିଛି ନାହିଁ ବୋଲି ବୁଦ୍ଧିଜୀବି ମତ ବ୍ୟକ୍ତ କରିଛନ୍ତି । କେନ୍ଦୁଝର ଜିଲ୍ଲାକୁ ଲାଗିଥିବା ଭଦ୍ରକ, ବାଲେଶ୍ୱର, ଯାଜପୁର ଓ ସୁନ୍ଦରଗଡ ଜିଲ୍ଲାରେ କରୋନା ଅକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ପରିଣାମ ସ୍ୱରୁପ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାକୁ ୬୦ ଘଟଂା ଧରି ସଟ୍‌ଡାଉନ କରାଯାଇଥିଲା । ଏହି ସଟଡାଉନକ କେନ୍ଦୁଝର ଜିଲ୍ଲାରେ ମଧ୍ୟ ପରୋକ୍ଷ ପ୍ରଭାବ ପଡିଥିଲା ।

ଏହି ତିନିଗୋଟି ଜିଲ୍ଲା ଯେ କେବଳ କେନ୍ଦୁଝର ଜିଲ୍ଲାର ନିକଟବର୍ତି ବା ସୀମାନ୍ତପାର୍ଶ୍ୱ ଜିଲ୍ଲା ନୁହେଁ ବରଂ ଅନେକ ଲୋକଙ୍କର ପାରିବାରିକ ଓ ବିବିଧ ସମ୍ପର୍କ ଏହି ଜିଲ୍ଲାମାନଙ୍କ ସହିତ ରହିଛି । ଲକଡାଉନ ସତ୍ୱେ ଭଦ୍ରକ, ଯାଜପୁର ଜିଲ୍ଲାରୁ କେନ୍ଦୁଝରକୁ କେହି ଯେ ନ ଆସିବେ ତାର ଗ୍ୟାରେଣ୍ଟି କିଛି ନାହିଁ । ଆସିଛନ୍ତି । ଅନ୍ୟ ପକ୍ଷରେ ପଡୋଶୀ ପର୍ଶ୍ଚିମବଙ୍ଗ ରାଜ୍ୟର ହଜାର ହଜାର ଅଧିବାସୀ ଏବେ ବି କେନ୍ଦୁଝର ଜିଲ୍ଲାରେ ରହିଯାଇଥିବା ବେଳେ କେନ୍ଦୁଝର ଜିଲ୍ଲାର ଅନେକ ମଧ୍ୟ ପର୍ଶ୍ଚିମବଙ୍ଗ ରାଜ୍ୟରେ ରହିଯାଇଛନ୍ତି । ଏପରି ବ୍ୟକ୍ତି ଯଦି କୌଣସି ମତେ କେନ୍ଦୁଝର ଜିଲ୍ଲାକୁ ଚାଲିଆସନ୍ତି ତେବେ କେନ୍ଦୁଝର ଜିଲ୍ଲାକୁ ଯେ ଅନେକ ମୂଲ୍ୟ ଦେବାକୁ ପଡିବ ତାହାକୁ ମଧ୍ୟ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ବର୍ତମାନ ସ୍ଥିତିରେ ଯେପରି ଭାବେ ସଂକ୍ରମଣର ସଂଖ୍ୟା ବୃଦ୍ଧିରେ ରୋକ ଲାଗି ପାରୁନାହିଁ ସେହି ଦୃଷ୍ଟିରୁ ଆଗାମୀ ମେ ୩ ତାରିଖ ପର୍ଯ୍ୟନ୍ତ ଥିବା ଲକଡାଉନ ଅବଧି ଯେ ଆଗକୁ ବଢିବାର ସମ୍ଭାବନା ରହି ଥିବାରୁ ଏହାକୁ ନେଇ ଲୁଚା ଛପା ଯାତାୟତ ଅଧିକ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଏହାକୁ ବନ୍ଦ କରା ନ ଗଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ ସମ୍ଭାବନାକୁ ଏଡାଇ ଦିଆଯାଇପାରିବେ ନାହିଁ । ଭଦ୍ରକ ଜିଲ୍ଲାର ସୀମାନ୍ତକୁ ଲାଗି କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ଅନେକ ଅଞ୍ଚଳ, ବାଲେଶ୍ୱର ଜିଲ୍ଲାକୁ ଲାଗି ଖୁବ ଅଳ୍ପ ସ୍ଥାନ ଏବଂ ଯାଜପୁର ଜିଲ୍ଲାକୁ ଲାଗି ଘଷିପୁରା, ହରିଚନ୍ଦନପୁର ବ୍ଲକର ଅନେକ ସ୍ଥାନକୁ ପୁରାପୁରି ସିଲ କରିଦେବା ସହ ମାଲବାହୀ ଯାନ ଓ ଆମ୍ବୁଲାନ୍ସକୁ କଡାକଡି ଯାଂଚ ହେବା ଆବଶ୍ୟକ ବୋଲି ଅବସରପ୍ରାପ୍ତ ପୋଲିସ ଏସପି ତଥା କେନ୍ଦୁଝରର ବରିଷ୍ଠ ନାଗରିକ ରଜତକାନ୍ତି ମିଶ୍ର ପ୍ରକାଶ କରିଛନ୍ତି । ସେହିପରି ଜାତୀୟ ରାଜପଥ ଯାହାକି କୋଲକୋତା-ମୁମ୍ବାଇକୁ ସଂଯୋଗ କରୁଛି ତାହା ମଧ୍ୟ ଯାଂଚ ହେବା ଦରକାର । ସେହିପରି ପର୍ଶ୍ଚିମବଙ୍ଗର ପର୍ଶ୍ଚିମ ମେଦିନୀପୁର, ଖଡଗପୁର, ବାରାହାଗୋଡା ଆଦି ସ୍ଥାନକୁ ଥିବା ଗଳାବାଟ ବା ଗ୍ରାମ୍ୟରାସ୍ତାକୁ ମଧ୍ୟ ଜଗିବାର ଆବଶ୍ୟକ ରହିଛି ।

କେନ୍ଦୁଝର ଜିଲ୍ଲାର ଚଂପୁଆ ସୀମାନ୍ତକୁ ଲାଗି ଝାଡଖଣ୍ଡ ସୀମାନ୍ତ ଥିବାବେଳେ ଏହାକୁ ମଧ୍ୟ ବନ୍ଦ କରାଯିବା ଆବଶ୍ୟକ । ମାଲବାହୀ ଗାଡି ହେଉ ବା ତୈଳ ଟ୍ୟାଙ୍କର, ଆମ୍ବୁଲାନ୍ସ ହେଉ ବା ସରକାରୀ ଗାଡି ସବୁ ଯଦି ଠିକ୍ ଭାବେ ଚେକ୍ କରା ନ ଯାଏ , ତେବେ କେନ୍ଦୁଝର ଜିଲ୍ଲାର ବର୍ତ୍ତମାନରସ୍ଥିତି ହାତରୁ ଚାଲିଯିବା ସପକ୍ଷରେ ଅନେକ ସଚେତନ ନାଗରିକ ମତ ପ୍ରକାଶ କରିଛନ୍ତି । ଯଦିଓ କେନ୍ଦୁଝର ଜିଲ୍ଲା ସୀମାନ୍ତକୁ ବ୍ୟାରିକେଡ କରାଯାଇ ଅବରୋଧ କରାଯାଇଅଛି , ତଥାପି ଗାଡି ତନଖିକୁ ବ୍ୟାପକ କରାଯିବା ଅଧିକ ଆବଶ୍ୟକ ରହିଅଛି । ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଲୌହ ଖଣିରେ ଏବେ ୧ ହଜାରରୁ ଉର୍ଦ୍ଧ ଟ୍ରକ ଚଳାଚଳ କରୁଛି ।

ଜିଲ୍ଲା ଏବଂ ରାଜ୍ୟ ବାହାର ଅଞ୍ଚଳରୁ ବହୁ ଲୋକ କେନ୍ଦୁଝର ଆସୁଥିବା ବେଳେ ପରିହବନ ସମୟରେ ଏବଂ ଲୋଡିଂ ସ୍ଲିପ ନେବା ସମୟରେ ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଉନଥିବାରୁ କେନ୍ଦୁଝର ଜିଲ୍ଲା ପ୍ରତି କରୋନା ସଂକ୍ରମଣ ଆଶଙ୍କା ରହିଛି । ଶୁଆକାଟୀ ଅଂଚଳକୁ ବାହାର ଅଞ୍ଚଳର ଡ୍ରାଇଭର ଏବଂ ହେଲପର ଯିବା ଆସିବା କରୁଥିବାବେଳେ ପ୍ରଶାସନ ଏ ଦିଗରେ ଅଧିକ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଜରୁରୀ ହୋଇପଡିଛି । ସରକାର ବେଳ ଥାଉ ଥାଉ ବନ୍ଧ ନ ବାନ୍ଧିଲେ ନେଡି ଗୁଡ କହୁଣୀକୁ ବୋହି ଗଲେ ସେତେବେଳେ ପଶ୍ଚାତାପ କରିବା ବ୍ୟତୀତ ଆଉ କିଛି ବାଟ ନଥିବ ବୋଲି କିଛି ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ଅଧିକ ସଚେତନ ହେବା ଆବଶ୍ୟକ ରହିଛି ।

ଲକ୍‌ଡାଉନ୍‌ରେ ବୁଣାକାର ପ୍ରଭାବିତ : ନିଖିଳ ଓଡିଶା ମେହେର ସମାଜର ସହାୟତା ଦାବୀ

ନୂଆପଡ଼ା, (ପିଏନ)-କରୋନା ଜନିତ ଲକ୍‌ଡାଉନ୍ ଯୋଗୁଁ ଦୀର୍ଘ ଦିନ ଧରି ହାତ ବାନ୍ଧି ବସିଥିବା ବୁଣାକାର ମାନଙ୍କ ଆର୍ଥୀକ ଅବସ୍ଥା ଦୋହଲି ଯାଇଛି । ସୁତା କପଡା କାମ କରି ଗୁଜୁରାଣ ମେ ।ଉ ଥିବା ରାଜ୍ୟର ହଜାର ହଜାର ବୁଣାକାର କାମ କରି ନପାରି ଏବେ ଆର୍ଥୀକ ସଙ୍କଟ ଦେଇ ଗତି କରୁଛନ୍ତି । ତେଣୁ ଓଡିଶାର ହସ୍ତତନ୍ତ ପରିବାରକୁ ରାଜ୍ୟ ସରକାର ଯଥାଶିଘ୍ର ସହାୟତା କରିବା ସହ ଏଭଳି ଘଡିସନ୍ଧି ସମୟରେ ହସ୍ତତନ୍ତ ଭଳି କୁଟିର ଶିଳ୍ପ କିଭଳି ଚାଲିପାରିବ ତାର ବ୍ୟବସ୍ଥା କରିବାକୁ ନିଖିଳ ଓଡିଶା ମେହେର ସମାଜ ତରଫରୁ ରାଜ୍ୟ ସଭାପତି ବୈଶମ୍ପାୟନ ମେହେର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଏଥିସହ ବୁଣାକାର ମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ନବକିଶୋର ଦାସ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ହସ୍ତତନ୍ତ ଓ ବୟନଶିଳ୍ପମନ୍ତ୍ରୀ ପଦ୍ମିନୀ ଦିଆନ, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଜେପୁର ବିଧାୟିକା ରିତା ସାହୁ ପ୍ରମୁଖଙ୍କ ଠାରେ ମଧ୍ୟ ସମାଜ ତରଫରୁ ଦାବୀ ଉପସ୍ଥାପନା କରାଯାଇଥିବା ଜଣାପଡିଛି । ଉଲ୍ଲେଖିତ ଦାବୀ ଅନୁଯାୟୀ ହସ୍ତତନ୍ତ ଏକ କୁଟିର ଶିଳ୍ପ ହୋଇଥିବା ବେଳେ ଏହା ସହ ଜଡିତ ଲୁଗାବୁଣା, ବାନ୍ଧକାମ, ସୁତାକାମ ଆଦି ଆବଶ୍ୟକ ସାମାଜିକ ଦୂରତା ରଖାଯାଇ କରାଯାଇପାରିବ । ଦୀର୍ଘଦିନର ଲକ୍‌ଡାଉନ୍ ଯୋଗୁଁ ଦରକାରୀ କ ।ମାଲର ଅଭାବରେ ଏବେ ସମସ୍ତ ବୁଣାକାର ବେକାର ହୋଇ ବସିଛନ୍ତି । ତେଣୁ ରାଜ୍ୟ ସରକାର ହସ୍ତତନ୍ତ ଶିଳ୍ପକୁ କୋହଳ ଶ୍ରେଣୀଭୂକ୍ତ କରି ବୁଣାକାର ମାନଙ୍କୁ କଂଚାମାଲ ଯୋଗାଇ ଦେବା, କୋଭିଡ୍-୧୯ ନିର୍ଦ୍ଦେଶନାମା ଅନୁଯାୟୀ ଉତ୍ପାଦିତ ସାମଗ୍ରୀକୁ ସମବାୟ ସହଯୋଗ ସମିତି ମାଧ୍ୟମରେ ବିକ୍ରୟ ବ୍ୟବସ୍ଥା କରିବା ଏବଂ କ୍ଷତି ସହି ଆସୁଥିବା ବୁଣାକାର ମାନଙ୍କ ପରିବାରକୁ ଆର୍ଥୀକ ସୁଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ଦାବୀପତ୍ରରେ ଦର୍ଶାଯାଇଛି ।

ମହୁଲଝରଣ ଗ୍ରାମରେ ପାନୀୟ ଜଳ ସଙ୍କଟ, କୂଅ ପାଣି ହିଁ ଭରଷା

ନୂଆପଡ଼ା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବିରିଘାଟ ପ ।ୟତର ଜଙ୍ଗଲ ଉପରେ ବସତି ସ୍ଥାପନ କରିଥିବା ମହୁଲଝରଣ ଗ୍ରାମରେ ପାନୀୟଜଳ ସମସ୍ୟା ଉକ୍ରଟ ରୂପ ଧାରଣ କରିଛି । ଫଳରେ ଗ୍ରାମବାସୀ ନିକଟସ୍ଥ ଜମିରେ ଏକ କୂଅ ଖୋଳି ପାନୀୟ ଜଳ ସଂଗ୍ରହ କରୁଥିବା ଅଭିଯୋଗ କରିଛନ୍ତି । ଯାହାଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁସହ ସଂଗ୍ରାମ କରୁଥିବା ପ୍ରକାଶ କରିଛନ୍ତି । ଗ୍ରାମକୁ ପାନୀୟ ଜଳ ଯୋଗାଣ ନେଇ ଅନେକ ଥର ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଜିଲ୍ଲା ସଦର ମହକୁମାରୁ ୮୫ କିଲୋମିଟର ଏବଂ ବ୍ଲକ ମହକୁମା ଠାରୁ ୧୫ କିଲୋମିଟର ଦୂରତାରେ ଅବସ୍ଥିତ ଏହି ଗ୍ରାମ ବଣପାହାଡ ଘେରା ମଧ୍ୟରେ ରହିଛି । ଫଳରେ ଦେଶ ସ୍ୱାଧିନ ହେବାର ୭୪ ବର୍ଷ ବିତିଯାଇଥିଲେ ମଧ୍ୟ ସାଧାରଣ ମୌଳିକ ସୁବିଧା ସୁଯୋଗରୁ ଗ୍ରାମବାସୀ ବଂଚିତ ରହିଥିବା ଅଭିଯୋଗ କରିଛନ୍ତି । ବିରିଘାଟ ପଂଚାୟତ କାର୍ଯ୍ୟାଳୟ ଠାରୁ ୩ କିଲୋମିଟର ଘ ଜଙ୍ଗଲ ମଧ୍ୟରେ ଅବସ୍ଥିତ ଏହି ଗ୍ରାମରେ ଦୀର୍ଘଦିନରୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ଗ୍ରାମବାସୀ ପାନୀୟ ଜଳ ପାଇଁ ଏକ କୂଅ ଖୋଳି ସେଥିରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି । ଫଳରେ ହଇରାଣ ସହ ବିଭିନ୍ନ ରୋଗର ଶିକାରରେ ପଡୁଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଗ୍ରାମକୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି ।

ରାଣିମୁଣ୍ଡା ପଂଚାୟତସ୍ତରୀୟ କୋଭିଡ-୧୯ ସଚେତନତା ସଭା

ନୂଆପଡ଼ା, (ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ରାଣିମୁଣ୍ଡା ପଂଚାୟତ ଠାରେ କୋଭିଡ-୧୯କୁ ନେଇ ରାଣିମୁଣ୍ଡା ପ ।ୟତସ୍ତରୀୟ ଏକ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସରପଂଚ ଜାନକୀ ମାଝୀ ଅଧ୍ୟକ୍ଷତା କରିଥିବା ବେଳେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭୀଷ୍ମରାଜ ମେହେର, ନୋଡାଲ ଅଫିସର ଦେବୀ ଚରଣ ତାଣ୍ଡି, ଜିଆରଏସ ବିରଂଚି ବୈଠାରୁ, ରାଣିମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ଦାସ ପ୍ରମୁଖ ଯୋଗଦାନ କରି କରୋନା ମହାମାରୀ ସମ୍ପର୍କରେ ସୂଚନା ଦେଇ ବାରମ୍ବାର ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା, ମାକ୍ସ ବ୍ୟବହାର କରିବା, ଦାଦନ ଶ୍ରମିକଙ୍କୁ ଅସ୍ଥାୟୀ ଶିବିରରେ ୧୪ ଦିନ ରଖିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ଏହାସହ ବାହାର ରାଜ୍ୟକୁ ଦାଦନ ଯାଇଥିବା ଶ୍ରମିକ ମାନଙ୍କ ନାମ ପଞ୍ଜିକରଣ ପାଇଁ ନିଷ୍ପତି ହୋଇଥିଲା । ସଭା ଶେଷରେ ୱାର୍ଡସଭ୍ୟ ଘନଶ୍ୟାମ କଟା ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ସଚେତନତା ସଭାରେ ସ୍ୱେଚ୍ଛାସେବୀ ତୁକାରାମ ହିଆଲ, ଦୀନବନ୍ଧୁ ବାଗ, ପରମେଶ୍ୱର ହାତୀ, କୈଳାସ କଟାଙ୍କ ସମେତ ପଂଚାୟତର ଗାଁ ସାଥି, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

ଅକ୍ଷୟ ତୃତୀୟାରେ ଜଗନ୍ନାଥଙ୍କ ଅଖକାଠ ପୂଜା

ଭୁବନ,(ପିଏନ)- ମହାମାରୀ କରୋନା ପାଇଁ ଚଳିତ ବର୍ଷ ରଥଯାତ୍ରା ହେବ କି ନାହିଁ ତାହା ସ୍ପଷ୍ଟ ହୋଇନଥିବା ବେଳେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତି ଅନୁଯାୟୀ ମନ୍ଦିରଭିତରେ ରଥକାଠ ପୂଜାର୍ଚ୍ଚନା ହେବ, ପରବର୍ତୀ ସମୟରେ ରଥ ଖଳାରେ ନହେଲେ ବି ଅନ୍ୟ ସ୍ଥାନରେ ରଥ ନିର୍ମାଣ ହେବ । ଯାତ୍ରା ବେଳକୁ କରୋନା ସ୍ଥିତି ଦେଖି ନିଷ୍ପତି ନିଆଯିବ ।

ମେଘୁଆ ଆକାଶ ତଳେ ଶ୍ରୀମନ୍ଦିର

ରାସନ କାର୍ଡ ନଥିବା ଲୋକଙ୍କୁ ମିଳୁନି ସହାୟତା

କେନ୍ଦ୍ରାପଡ଼ା,(ପିଏନ)- ଲକ ଡାଉନ କଟକଣାରେ ଦୋକାନ, ବଜାର, ବ୍ୟବସାୟ , କାମଧନ୍ଦା ବନ୍ଦ ଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ରାସନ କାର୍ଡଧାରୀ ମାନଙ୍କୁ ତିନି ତିନି ଥର ଚାଉଳ, ଗହମ, କିରାସିନି ଦେବା ସହ ଆର୍ଥିକ ସହାୟତା ମଧ ପ୍ରଦାନ କରୁଛନ୍ତି । ମାତ୍ର ଯେଉଁ ବ୍ୟକ୍ତିମାନଙ୍କର ରାସନ କାର୍ଡ ନାହିଁ ସେହି ଅସହାୟ ବ୍ୟକ୍ତି ମାନଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ବା କାଦ୍ୟ ସାମଗ୍ରୀ ମିଳୁ ନଥିବା ଦେଖିବାକୁ ମିଳୁଛି । ଦୀର୍ଘ ଦେଢମାସ ହେଲା କାମ ଧନ୍ଦାନପାଇ ରୋଜଗାର ଶୂନ୍ୟ ଭାବେ ଘରେ ବସି ରହିଥିବା ଏହି ଅସହାୟ ମାନଙ୍କୁ ସହାୟତା ପାଇଁ ସରକାରୀ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ରାସନ କାର୍ଡକୁ ଆଧାର କରି ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆ ଯାଉଥିବା ବେଳେ କଟକଣାରେ ବୃତି ହରାଇଥିବା ଏହି ଲୋକମାନେ ଭୋକ ଉପାସରେ ଦିନ କାଟୁଥିବା ଦେଖିବାକୁ ମିଳୁଛି । ଦୀର୍ଘ ଦିନ ହେଲା ରାସନ କାର୍ଡ ପାଇଁ ଅବେଦନ କରିଥିଲେ ମଧ୍ୟ ବିଭିନ୍ନ କାରଣରୁ ରାସନ କାର୍ଡ ଯୋଗାଯାଇ ପାରିନାହିଁ । ଫଳରେ କୌଣସି ସହାୟତା ପାଉ ନଥିବା ଏହି ବଂଚିତଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ରାଜ୍ୟ ସରକାର ଏମାନଙ୍କ ସହାୟତା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

୧୦୨ତମ ସ୍ୱାମୀ ବ୍ରହ୍ମାନନ୍ଦ ଜୟନ୍ତୀ ପାଳିତ

ଭୁବନେଶ୍ୱର,(ପିଏନ)- ଓଡ଼ିଶାରେ ଗୁରୁକୂଳ ଆନ୍ଦୋଳନରେ ପ୍ରାଣ ପ୍ରତିଷ୍ଠାତା, ଆର୍ଯ୍ୟସମାଜ ବିଚାରଧାରାର ପ୍ରଚାରକ ତଥା ଓଡ଼ିଶାରେ ୩୨ଗୋଟି ଗୁରୁକୂଳ ଅନାଥାଶ୍ରମ, ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିଷ୍ଠାତା, ଆର୍ଯ୍ୟ ସନ୍ନ୍ୟାସୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କର ୧୦୨ତମ ଜୟନ୍ତୀ, ଅତ୍ୟନ୍ତ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି । ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ କରୋନା ପାଇଁ ଲକ୍ ଡାଉନ୍ ଥିବାରୁ ଜୟନ୍ତୀ ଉତ୍ସବକୁ ବୈଦିକ ଶାନ୍ତି ଯଜ୍ଞ କରାଯାଇ ସ୍ୱାମୀଜୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଯଜ୍ଞ କାର୍ଯ୍ୟକୁ ପଣ୍ଡିତ ବିନୋଦ ବିହାରୀ ଦାସ ପରିଚାଳନା କରିଥିବାବେଳେ ଜୁମ୍ ଭିଡିଓ ମାଧ୍ୟମରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ସଭାରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀଜୀଙ୍କ ତ୍ୟାଗପୂତ ଜୀବନର ଅବତାରଣା କରିଥିଲେ । ଡଃ ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ସ୍ୱାମୀଜୀଙ୍କୁ ସେବାର ମୂର୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ଡଃ ବୁଦ୍ଧଦେବ ମିଶ୍ର ପ୍ରାରମ୍ଭିକ ସୂଚନା ଓ ପ୍ରଭାତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

୬୦ ଘଂଟା ସଟ୍ ଡାଉନ ଉଠିବା ପରେ ବ୍ରହ୍ମବରଦାରେ ନାହିଁ ନଥିବା ଭିଡ଼

ଧର୍ମଶାଳା,(ପିଏନ)- କରୋନାକୁ ନେଇ ସାରା ଦେଶରେ ଚିନ୍ତା ବଢାଇ ଦେଇଛି । ସରକାର ଏହି କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଥବବା ବେଳେ ଯାଜପୁର ଜିଲାରେ ସଂକ୍ରମଣଙ୍କ ସଂଖ୍ୟା ୧୮ରେ ପଂହଚିଛି । ଯାହାକି ଜିଲା ପ୍ରଶାସନର ନିଦ ହଜାଇ ଦେଇଛି । ଯାରହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ୬୦ ଘଂଟା ପାଇଁ ଯାଜପୁର ଜିଲାକୁ ସଟ୍ ଡାଉନ ଘୋଷଣା କରିଥିଲେ । ୬୦ ଘଂଟା ସଟ୍ ଡଉନ ରହିବା ପରେ ଆଜି ସକାଳ ୧୦ଟା ସମୟରେ ଏହାକୁ ଉଠାଇ ଦିଆଯାଇଥିଲା । ପୂର୍ବପରି ଲକ୍ ଡାଉନ ଜାରି ରହିଛି । ହେଲେ ଅମାନିମାନେ ଏହାକୁ ନ ମାନି ଆଜି ବିଭିନ୍ନ ଛକ ବଜାରରେ ଅଯଥାରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ନଠୁଆବର, କୁଆଖିଆ, ହରିପୁର, ବ୍ରହ୍ମବରଦା, ବନ୍ଧଡିହ, ମହେଶ୍ୱରପୁର ଓ ଅର୍ଥଙ୍ଗା ଆଦି ପଂଚାୟତରେ ଲୋକେ ବାଇକ ସହ ବିଭିନ୍ନ ଛକ ବଜାରରେ ବୁଲୁଥିବା ବେଳେ ଅନେକ ଲୋକ ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ଦୋକାନ ଆଗରେ ଭିଡ ଜମାଇ ଥିବା ଦେଖିବାକୁ ମିଳିଛି । ଜିଲା ପ୍ରଶାସନ ସ୍ୱୀକୃତୀ ପ୍ରାପ୍ତ ଦୋକାନୀମାନେ ଦୋକାନ ଖୋଲିବା ବେଳେ ମାକ୍ସ ବ୍ୟବହାର କରିବା ସହିତ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଉ ନଥିବା ଦେଖିବାକୁ ମିଳିଛି । ଯାହାକୁ ଅନ୍ୟ ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଜିଲା ପ୍ରଶାସନ ଏହି ଅଂଚଳ ପ୍ରତି ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି । ଅନ୍ୟ ପକ୍ଷେ ବନ୍ଧଡିହ ସାପ୍ତାହିକ ହାଟକୁ ବନ୍ଧ କରିବାକୁ ଜିଲା ପ୍ରଶାସନକୁ ବନ୍ଧଡିହ ଗ୍ରାମବାସୀ ଦାବି କରିଛନ୍ତି ।

ପ୍ରସିଦ୍ଧ ନିରହାଟ ଶନିଶ୍ଚର ମହାଯଜ୍ଞ ବନ୍ଦ

ଧର୍ମଶାଳା,(ପିଏନ)-କରୋନା ଭାଇରସକୁ ନେଇ ସମସ୍ତେ ଚିନ୍ତିତ ଥିବା ବେଳେ ଯାଜପୁର ଜିଲାରେ କରୋନା ଆକ୍ରାନ୍ତ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଜନସାଧାରଣମାନଙ୍କୁ ସଚେତନ ହୋଇ ରହିବାକୁ ପରାମର୍ଶ ଦିଆଯାଉଛି । ଏବଂ ଲକ୍ ଡାଉନ ସମୟରେ କୌଣସି ପର୍ବ ପର୍ବାଣୀ ନ ହେବା ପାଇଁ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ସରକାରର ଏହି ନିଷ୍ପତିକୁ ସ୍ୱାଗତ ଜଣାଇ ମଇ ମାସ ୨ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ଶନିଶ୍ଚର ମହାଯଜ୍ଞ ଅନୁଷ୍ଠିତ ହେବ ନାହିଁ ବୋଲି ଆଜି ଦେଓଡା ଓ ମଙ୍ଗରପୁର ପଂଚାୟତର ମିଳନସ୍ଥଳ ନିରହାଟ ଶନିଶ୍ଚର ପୂଜା କମିଟି ନିଷ୍ପତି ନେଇଛି । ଏହି ଅଂଚଳରେ କାହିଁ କେଉଁ କାଳରୁ ଏଠାରେ ରିଷ୍ଟ ଖଣ୍ଡନ ନିମନ୍ତେ ଶନିଶ୍ଚର ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଏହି ଯଜ୍ଞରେ ସ୍ଥାନୀୟ ୧୦ଗୋଟି ପଂଚାୟତରୁ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହୋଇଥାଏ । ମାନସିକଧାରୀମାନେ ଶନିଶ୍ଚରଙ୍କ ଉପରେ ଜଳଲାଗି କରିଥାନ୍ତି । ତେଣୁ କରୋନାର ପ୍ରଭାବକୁ ଦୃଷ୍ଟିରେ ରଖି ଏହି କମିଟିର ସମସ୍ତ କର୍ମକର୍ତା ପ୍ରସାନକୁ ପୂର୍ଣ୍ଣ ସହଯୋଗ କରି ଏହି ମହାଯଜ୍ଞକୁ ବନ୍ଦ କରିବା ପାଇଁ ନିଷ୍ପତି ନେଇଛି । ଫଳରେ ଏହି ଯଜ୍ଞକୁ କେହି ଭକ୍ତ ନ ଆସିବାକୁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି ।

ଟ୍ରେଡ ଲାଇସେନ୍ସ ନଥିଲେ ଦୋକାନ ଖୋଲିବା ମନା

କେନ୍ଦ୍ରାପଡ଼ା,(ପିଏନ)-କେନ୍ଦ୍ରାପଡା ପୌରାଂଚଳର ମଧରେ ଯେଉଁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଟ୍ରେଡ ଲାଇସେନ୍ସ ହାସଲ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଦୋକାନ ଖୋଲିବା ପାଇଁ ନୂଆ ନିୟମ ଲାଗୁ କରାଯାଇଛି । ଟ୍ରେଡ ଲାଇସେନ୍ସ ଥିବା ଦୋକାନ ଗୁଡିକ ସୋମବାର ଠାରୁ ସକାଳ ୬ରୁ ଦିନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବା ପାଇଁ ଜିଲ୍ଲା ପ୍ରଶାସନ ଅନୁମତି ପ୍ରଦାନ କରିଛି । ଏହି ଦୋକାନ ଗୁଡିକ ମଧରେ ସାର, କୀଟନାଶକ ଔଷଧ, ମନୋହରି, ଗ୍ୟାରେଜ, ବହି, ଲୁଗା ଓ ଡ୍ରେସ୍, ବିଦ୍ୟୁତ୍ ସାମଗ୍ରୀ ବିକ୍ରି ଓ ମରାମତି, ମୋବାଇଲ ବିକ୍ରି ଓ ମରାମତି, ଘର ରଂଗ ଓ ଚୂନ, ଗହଣା ଦୋକାନ, ସମେତ ଗ୍ରସରୀ, ପନିପରିବା, ଫଳ, ଔଷଧ, ମାଛ, ମାଂସ ଅତ୍ୟାବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ହେଉଥିବା ଜିନିଷ ଗୁଡିକ ପ୍ରଭୃତି ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଖୋଲା ରହିବ । କିନ୍ତୁ ଟ୍ରେଡ ଲାଇସେନ୍ସ ନଥିବା ଦୋକାନ ଗୁଡିକ ଖୋଲିବାକୁ ଅଣୁମତି ମିଳିବ ନାହିଁ । ସମସ୍ତ ବ୍ୟବସାୟୀ ମାସ୍କ ପିନ୍ଧିବା ସହ ଗ୍ରାହକମାନେ ମଧ ମାସ୍କ ପିନ୍ଧି ସାମାଜିକ ଦୂରତାକୁ ବଜାୟ ରଖିବେ । ଏଥିସହିତ ଯେଉଁ ଦୋକାନୀମାନେ ପୌରପାଳିକାରୁ ଟ୍ରେଡ ଲାଇସେନ୍ସ ଆଣି ନଥିବେ ସେମାନେ ଦୋକାନ ଖୋଲିଲେ ଦୋକାନ ସିଲ କରାଯିବ ବୋଲି ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ପ୍ରକାଶ କରିଛନ୍ତି । ଯେଉଁ ଦୋକାନ ଗୁଡିକ ଆଗରେ କୋଠରୀ କଟା ଯାଇ ନାହିଁ । ସେମାନେ ମଧ ଦୋକାନ ଆଗରେ କୋଠରୀ କାଟି ସାମଗ୍ରୀ ବିକ୍ରୟ କରିବେ ।

ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

କେନ୍ଦ୍ରାପଡ଼ା,(ପିଏନ)- ମଇ ୩ ତାରିଖରେ କରୋନା ଭୂତାଣୁ ସଂକ୍ରମଣ ଜନିତ କଟକଣାର ଦ୍ୱିତୀୟ ପର୍ଯ୍ୟାୟ ଶେଷ ହେବାକୁ ଯାଉଛି । ଜିଲ୍ଲାର ଲକ୍ଷାଧିକ ପ୍ରବାସୀ କେନ୍ଦ୍ରାପଡା ବାସିନ୍ଦା ୩ ତାରିଖ ପରେ ନିଜ ନିଜ ଗାଁକୁ ଫେରିବା ପାଇଁ ପଂଚାୟତ ସ୍ତରରେ ନାମ ପଞ୍ଜିକରଣ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇଯାଇଛି । ଅନ୍ୟ ଜିଲ୍ଲାରେ ଥିବା ଓ ଅନ୍ୟ ପ୍ରଦେଶରେ ଥିବା କେନ୍ଦ୍ରାପଡାର ଲୋକମାନେ ବିଶେଷ କରି ଶ୍ରମିକ ମାନେ ଗାଁକୁ ଫେରି ଅସିବେ । ଏହି ବ୍ୟକ୍ତି ମାନଙ୍କ ଦ୍ୱାରା ଭୂତାଣୁ ସଂକ୍ରମଣର ଆଶଙ୍କା ଥିବାରୁ ଜିଲ୍ଲା ପ୍ରଶାସନ ଯୁଦ୍ଧ କାଳୀନ ଭିତିରେ ସେମାନଙ୍କର ରହିବା, ଖାଇବା, ଶୌଚାଳୟ ଓ ଚିକିତ୍ସା ଆଦି ବ୍ୟବସ୍ଥା କରିଥିବା ଜଣାପଡିଛି । ଜିଲ୍ଲାର ୨୪୯ଟି ପଂଚାୟତରେ ୨୮୩ଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇ ସେଥିରେ ୧୪,୬୦୦ ଶଯ୍ୟା ପ୍ରସ୍ତୁତ ରଖାଯାଇଛି । ସେହିପରି କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରାଂଚଳର ୧୩ଟି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭୦୯ଟି ଶଯ୍ୟା ପ୍ରସ୍ତୁତ କରାଯାଇଛି । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟରେ ୩୦୦, ଜୟାଙ୍ଗ ସ୍ଥିତ ଅଦର୍ଶ ବିଦ୍ୟାଳୟରେ ୧୬୦ଟି, ଛତା ପଲ୍ଲିଟେକନିକ ରେ ୧୫୦ ଟି, ପଟ୍ଟାମୁଣ୍ଡାଇ ଓବିସି ଛାତ୍ରାବାସ ରେ ୧୫୦, କେନ୍ଦ୍ରାପଡା ସାନ୍ଧ୍ୟ ମହା ବିଦ୍ୟାଳୟରେ ୧୩୦ ପୃଥକୀ କରଣ ଶଯ୍ୟା ପ୍ରସ୍ତୁତ କରାଯାଇ ଥିବା ବେଳେ ଛତା ପଲ୍ଲିଟେକନିକ ରେ ୧୦ ଅଇସିୟୁ ବେଡ ସହ ୧୧୦ଟି ଶଯ୍ୟା ବିଶିଷ୍ଟ କୋଭିଡ ହସପିଟାଲ ସ୍ଥାପନ କରାଯାଇଛି । ମଇ ୩ ତାରିଖ ପରେ ଲକ ଡାଉନ କଟକଣା କୋହଳ ହେବାର ସମ୍ଭାବନା ଥିବାରୁ ଭବିଷ୍ୟତର ଆଶଙ୍କାକୁ ଅଖି ଅଗରେ ରଖି ପ୍ରଶାସନର ସମସ୍ତ ପ୍ରସ୍ତୁତି ଚଲାଇଥିବା ସୂଚନା ମିଳିଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray